# ଈଶ୍ୱରଙ୍କର ମୁକ୍ତିକାରୀ ହୃଦୟ



ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ନଭେମ୍ବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**The Redemptive Heart of God (Odia)**

# ଈଶ୍ୱରଙ୍କର
# ମୁକ୍ତିକାରୀ ହୃଦୟ

ଯେଉଁ ପ୍ରେମ କେବେ ପରିତ୍ୟାଗ କରେ ନାହିଁ

# ସୂଚୀପତ୍ର


ମୁଖବନ୍ଧ ୧

**୧. ମୁକ୍ତ କରିବା ଈଶ୍ୱରଙ୍କ ସ୍ୱଭାବ ୩**

ଇଶ୍ରାଏଲ ଲୋକଙ୍କ ସହିତ ଈଶ୍ୱରଙ୍କ କାରବାର ୫

ଜୁବିଲି ବର୍ଷ ୭

ମୁକ୍ତିକର୍ତ୍ତା-ଜ୍ଞାତି ୮

ଅପବ୍ୟୟୀ ପୁତ୍ରର କାହାଣୀ ୧୧

ମୁକ୍ତିର ମହାଯୋଜନା ୧୨

ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟକୁ ଗ୍ରହଣ କରିବା ୧୩

**୨. ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟର ପ୍ରକୃତି ୧୬**

ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଏକ ନିରବଚ୍ଛିନ୍ନ, ନଛୋଡ଼ବନ୍ଧା,
ସୀମାହୀନ ପ୍ରେମ ଦ୍ୱାରା ଚାଳିତ ୧୭

ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଅଲୌକିକ, କିନ୍ତୁ ଆମେ
ତାଙ୍କ ସହିତ ମିଶି ଶ୍ରମ କରିବା ଆବଶ୍ୟକ ୨୧

ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟରେ ଶୃଙ୍ଖଳା ଏବଂ
କେତେକ କ୍ଷେତ୍ରରେ ଆବଶ୍ୟକ ଶାସନ ରହିଥାଏ ୨୫

ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ଆମକୁ କେବଳ ପୂର୍ବ ଅବସ୍ଥାକୁ
ନେଇ ଯାଇ ନ ଥାଏ, ଆମକୁ ମଧ୍ୟ ଆଦ୍ୟାବସ୍ଥା ଠାରୁ ଉଚ୍ଚତର
କ୍ଷେତ୍ରରେ ସ୍ଥାପନ କରିଥାଏ ୨୭

ଆପଣଙ୍କ ଜୀବନକୁ ଈଶ୍ୱର ମୁକ୍ତ କରନ୍ତୁ ବୋଲି ଆପଣ
କାହିଁକି ଚାହାନ୍ତି ? ୩୦

**୩. ଈଶ୍ୱରଙ୍କ ମୁକ୍ତିକାରୀ ପ୍ରକ୍ରିୟାର ମୁଖ୍ୟ ଉପାଦାନଗୁଡ଼ିକ ୩୨**

ସମୟ ୩୨

ବଳିଦାନ ୩୬

ପାପକ୍ଷମା ୩୯

ପୁନଃସ୍ଥାପନ ୪୧

# ମୁଖବନ୍ଧ

ଆମ ଜୀବନରେ ଯେତେବେଳେ ବିଭିନ୍ନ ବିଷୟ ବିଗିଡ଼ି ଯାଏ ଆମେ କ'ଣ କରିବା ଉଚିତ? ହଠାତ୍ ଉତ୍ତମ ବିଷୟସବୁ ଖରାପ, ହୁଏତ ବେଶୀ ଖରାପ ହୋଇଯାଏ ଯାହା ଆମେ କଳ୍ପନା ସୁଦ୍ଧା କରି ନ ଥାଉ । ଆମ ଜୀବନର ବିଭିନ୍ନ କ୍ଷେତ୍ରରେ ଏହା ଘଟିପାରେ, ଯେପରି ଆମର ଆର୍ଥିକ, ପାରିବାରିକ, ପିଲାମାନଙ୍କ, କ୍ୟାରିଅର୍, ବୃତ୍ତି, ଚାକିରୀ, ବ୍ୟବସାୟ, ସେବାକାର୍ଯ୍ୟ ଇତ୍ୟାଦି କ୍ଷେତ୍ରରେ । ଭୁଲ୍ ଦିଗକୁ ଚାଳିତ ଜୀବନ ଓ ପରିସ୍ଥିତିସବୁ ପ୍ରତି ଆମେ କିପରି ଦୃଷ୍ଟିପାତ କରିବା ଉଚିତ? ସେହିପରି, ଆମେ ଜାଣିଥିବା ଲୋକମାନଙ୍କର କିଅବା ସାହାଯ୍ୟ କାମନା କରି ଆମ ନିକଟକୁ ଆସୁଥିବା ଲୋକଙ୍କର ଜୀବନ ଭୁଲ ଦିଗକୁ ଚାଳିତ ହେଲେ ଆମର ପ୍ରତିକ୍ରିୟା କ'ଣ ହୋଇଥାଏ?

ଈଶ୍ୱରଙ୍କର ହୃଦୟ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ । ଈଶ୍ୱର ଯାହା ଆରମ୍ଭ କରନ୍ତି ତାହା ଛାଡ଼ି ଦିଅନ୍ତି ନାହିଁ । ଯାହା ମୂଲ୍ୟ ଦେବାକୁ ପଡ଼ିଲେ ସୁଦ୍ଧା ସେ ପ୍ରେମ କରନ୍ତି ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦିଅନ୍ତି । ଈଶ୍ୱର ସର୍ବଦା ମୁକ୍ତ କରିବାକୁ ଓ ସମସ୍ତ ବିଷୟ ତାହାଙ୍କ ନିକଟକୁ ଫେରାଇ ଆଣିବାକୁ ଚାହାନ୍ତି । ତାହାଙ୍କ ସଦୃଶ ହେବା ନିମନ୍ତେ ଆମେ ଆହୂତ ହୋଇଅଛୁ; ଏଣୁ ଜୀବନର ବିଭିନ୍ନ ପରିସ୍ଥିତି ଏବଂ ଆମେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ପ୍ରତି ଆମର ପ୍ରବୃତ୍ତି ମଧ୍ୟ ମୁକ୍ତିକାରୀ ହେବା ଉଚିତ ।

ଏହି ଅଧ୍ୟୟନରେ ଈଶ୍ୱରଙ୍କର ମୁକ୍ତିକାରୀ ହୃଦୟକୁ ବୁଝିବା ଓ ଧରିବା, ଆମର ଲକ୍ଷ୍ୟ, ଯେପରି କି ଆମେ ଜୀବନର ବିଭିନ୍ନ ପରିସ୍ଥିତିକୁ ତାଙ୍କରି ମୁକ୍ତିକାରୀ ଚକ୍ଷୁରେ ଦେଖିବା ବିଷୟ ଶିଖିବା, ଆହୁରି ମଧ୍ୟ ଆମ ଜୀବନର ବିଭିନ୍ନ ବିଷୟରେ ଏବଂ ଆମର ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କର ମୁକ୍ତିକାରୀ ପ୍ରକିୟାରେ ତାଙ୍କର ଜଣେ ସହକର୍ମୀ ହେବା ବିଷୟ ଶିକ୍ଷା କରିବା ।

**ସ୍ଥିତି ସମ୍ପର୍କୀୟ ସତ୍ୟ ଓ ବ୍ୟାବହାରିକ କାର୍ଯ୍ୟ**

ଖ୍ରୀଷ୍ଟଙ୍କ କ୍ରୁଶ ଉପରେ ସାଧିତ କାର୍ଯ୍ୟ ଭିତ୍ତିରେ ସମସ୍ତ ଲୋକଙ୍କ ନିମନ୍ତେ ଓ ସବୁ ବିଷୟ ନିମନ୍ତେ ମୁକ୍ତି ଉପଲବ୍ଧ ଅଟେ । ବିଶ୍ୱାସୀଭାବରେ ଆମେମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମୁକ୍ତି

ପାଇଛୁ । ଖ୍ରୀଷ୍ଟଙ୍କଠାରେ ଆମେ ମୁକ୍ତି ପାଇଛୁ ଓ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରାଯାଇ ଈଶ୍ୱରଙ୍କ ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତରିତ କରାଯାଇଛୁ । ଆମ ଉପରେ ଶୟତାନର ଆଉ ଦାବି (ନ୍ୟାୟସଙ୍ଗତ ଅଧିକାର) ନାହିଁ । ଆମକୁ ଏକ ମୂଲ୍ୟ ଦେଇ କିଣାଯାଇଛି- ଆମର ଆତ୍ମା, ପ୍ରାଣ ଓ ଶରୀର ଏବଂ ଆମେ ଈଶ୍ୱରଙ୍କର । ଖ୍ରୀଷ୍ଟଙ୍କଠାରେ ଆମର ସ୍ଥିତି ଦୃଷ୍ଟିରୁ, ଆମର ମୁକ୍ତି, ଏକ ସଂସ୍ଥାପିତ ଓ ସମ୍ପୂର୍ଣ୍ଣୀକୃତ କାର୍ଯ୍ୟ ।

ତଥାପି, ଆମର ପାର୍ଥିବ ଜୀବନ ଯାପନରେ, ଅନେକ ବିଷୟ ରହିଛି ଯାହା ଈଶ୍ୱରଙ୍କ ଯୋଜନା, ମାନଦଣ୍ଡ ଓ ଉଦ୍ଦେଶ୍ୟ ଅନୁଯାୟୀ ସଜାଇ ହୋଇ ରହିନାହିଁ । ଈଶ୍ୱର ଚାହାନ୍ତି ଯେ ସେ ଖ୍ରୀଷ୍ଟଙ୍କଠାରେ ଆମମାନଙ୍କୁ ଯେଉଁ ମୁକ୍ତି ପ୍ରଦାନ କରିଛନ୍ତି ତାହା ପୃଥିବୀରେ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ସ୍ପର୍ଶ କରୁ, ପରିବର୍ତ୍ତନ କରୁ ଓ ପ୍ରଭାବିତ କରୁ । ଖ୍ରୀଷ୍ଟଙ୍କଠାରେ ଆମମାନଙ୍କୁ ଯାହା ପ୍ରଦାନ କରାଯାଇଛି ତାହା ଆମ ଦୈନିକ ଜୀବନ ଯାପନର ପ୍ରତ୍ୟେକ କ୍ଷେତ୍ରରେ ବାସ୍ତବତାରେ ପରିଣତ ହେବା ଉଚିତ ।

ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ଆମ ଜୀବନର ଯେଉଁସବୁ ବିଷୟରେ ଓ ଯେଉଁସବୁ କ୍ଷେତ୍ରରେ କାର୍ଯ୍ୟକାରୀ ହେଉ ବୋଲି ଆମେ ବାଞ୍ଛା କରୁ, ସେସବୁ ଏହି ଅଧ୍ୟୟନରେ ଆଲୋଚିତ ହୋଇଛି । ଆମେ ଚାହୁଁ ଯେ ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ଆମ ଜୀବନରେ ବିଗିଡ଼ି ଯାଇଥିବା ଓ ଈଶ୍ୱରଙ୍କ ମୂଳ ଯୋଜନା ଓ ଉଦ୍ଦେଶ୍ୟରୁ (ଉଦାହରଣ: ପରିବାର, ଅର୍ଥ, ସନ୍ତାନମାନେ, ଇତ୍ୟାଦି) ବିଚ୍ୟୁତ ହୋଇଥିବା କ୍ଷେତ୍ରଗୁଡ଼ିକର ପ୍ରତିକାର କରୁ ଓ ପୂର୍ବ ଅବସ୍ଥାକୁ ଫେରାଇ ଆଣୁ । ଆମେ ମଧ୍ୟ ବିଚାର କରୁ କିପରି ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଆମ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ଜୀବନରେ କ୍ରିୟାଶୀଳ ହେବ ଓ ସେମାନଙ୍କ ଜୀବନର ବିଭିନ୍ନ କ୍ଷେତ୍ର ମୁକ୍ତିପ୍ରାପ୍ତ ହେବ । ତାହାଙ୍କର ରାଜଦୂତ ଓ ସହକର୍ମୀ ଭାବରେ ଆମେ ମଧ୍ୟ ମୁକ୍ତିର କାର୍ଯ୍ୟ କରିଥାଉ ଯେତେବେଳେ ଆମେ ଲୋକମାନଙ୍କ ନିକଟରେ ପହଞ୍ଚୁ ଏବଂ ସେମାନଙ୍କୁ ଏବଂ ସେମାନଙ୍କର ସମସ୍ତ ବିଷୟକୁ ଈଶ୍ୱରଙ୍କ ସହିତ ସମ୍ମିଳିତ ହେବା ଦେଖିଥାଉ ।

ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ !

ଆଶିଷ୍ ରାଇଚୁର୍

# ୧

# ମୁକ୍ତ କରିବା ଈଶ୍ୱରଙ୍କ ସ୍ୱଭାବ

ନୂତନ ନିୟମରେ ମୁକ୍ତିର ପ୍ରକୃତ ଅର୍ଥ ଏକ ମୂଲ୍ୟ ଦେଇ କ୍ରୀତଦାସ ହୋଇ ରହିଥିବା ଜଣେ ବ୍ୟକ୍ତିକୁ କିଣିବା ବା ବନ୍ଧନରେ ରହିଥିବା ଜଣେ ବ୍ୟକ୍ତିକୁ ଛାଡ଼ିଦେବା ।

ପୁରାତନ ନିୟମରେ ମୁକ୍ତିର ବିଭିନ୍ନ ଅର୍ଥ ରହିଛି, ଯଥା: ଋଣ କରିଥିବା ହେତୁ କୌଣସି ବ୍ୟକ୍ତିକି ବା ସମ୍ପତ୍ତିକୁ ମୁକୁଳାଇବା; ବନ୍ଦୀତ୍ୱ ବା ବିନାଶରୁ ଉଦ୍ଧାର କରିବା; କ୍ଷତି ବା ବିପଦରୁ ରକ୍ଷା କରିବା; ଏକ ଅବାଞ୍ଛିତ ପରିସ୍ଥିତିରେ ହସ୍ତକ୍ଷେପ କରି ମୁକୁଳାଇବା (ଯେପରି କିଛି ମୂଲ୍ୟ ଦେଇ) କିଅବା କିଛି ବଦଳ ବ୍ୟବସ୍ଥା କରି (ଯେପରି ବଳିଦାନ କରି) ।

ଯଦି କୌଣସି ବିଷୟ ମୂଳ ଯୋଜନା ଓ ପରିକଳ୍ପନାରୁ ବିଚ୍ୟୁତ ହୋଇ ବନ୍ଧନ, ବନ୍ଦୀତ୍ୱ ବା ବିନାଶ ଆଡ଼କୁ ଚାଲିଯାଏ ଏବଂ ମୁକୁଳା ଯାଏ, ଉଦ୍ଧାର ଓ ପୁନଃସ୍ଥାପିତ କରାଯାଏ, ତେବେ ଏହାକୁ ଆମେ ମୁକ୍ତି କହିଥାଉ ।

ଈଶ୍ୱରଙ୍କ ହୃଦୟ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ । ଈଶ୍ୱର ଯାହା ଆରମ୍ଭ କରନ୍ତି ତାକୁ କେବେ ମଝିରେ ଛାଡ଼ି ଦିଅନ୍ତି ନାହିଁ । ଯାହା ମୂଲ୍ୟ ଦେବାକୁ ପଡ଼ିଲେ ସୁଦ୍ଧା ସେ ପ୍ରେମ କରନ୍ତି ଓ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦିଅନ୍ତି । ଈଶ୍ୱର ସର୍ବଦା ମୁକ୍ତି କରିବାକୁ ଓ ସମସ୍ତ ବିଷୟ ତାହାଙ୍କ ନିକଟକୁ ଫେରାଇ ଆଣିବାକୁ ଚାହାନ୍ତି । ତାହାଙ୍କ ସଦୃଶ ହେବା ନିମନ୍ତେ ଆମେ ଆହୂତ ହୋଇଅଛୁ, ଏଣୁ ଜୀବନର ବିଭିନ୍ନ ପରିସ୍ଥିତି ପ୍ରତି, ଆମେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ପ୍ରତି ଆମର ପ୍ରବୃତ୍ତି ମଧ୍ୟ ମୁକ୍ତିକାରୀ ହେବା ଉଚିତ ।

ଈଶ୍ୱରଙ୍କର ମୁକ୍ତିକାରୀ ହୃଦୟକୁ ବୁଝିବା ଆମ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟେ । ସେ କିପରି ତାଙ୍କର ମୁକ୍ତିକାରୀ କାର୍ଯ୍ୟ କରିଥାନ୍ତି ଓ ଏଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟା ବିଷୟରେ ଆମେ ଜାଣିବାକୁ ହେବ, ଯଦ୍ଦ୍ୱାରା ଈଶ୍ୱରଙ୍କର ସହକର୍ମୀ ଭାବରେ କାର୍ଯ୍ୟ କରିବା ବିଷୟରେ ଆମେ ଶିକ୍ଷା କରିବା ଏବଂ ଲୋକମାନେ ଓ ଜୀବନର ବିଭିନ୍ନ ପରିସ୍ଥିତି କିପରି ମୁକ୍ତିପ୍ରାପ୍ତ ହୋଇ ତାହାଙ୍କ ନିକଟକୁ ଅଣାଯାଉଛି ତାହା ଦେଖିପାରିବା ।

**ଏଫିସୀୟ ୧:୯-୧୦**
**୯ ପୂର୍ବରୁ ସଙ୍କଳ୍ପ କରିଥିବା ଆପଣା ମଙ୍ଗଳମୟ ଇଚ୍ଛାନୁସାରେ ସେ ଆମ୍ଭମାନଙ୍କୁ ଆପଣା ଇଚ୍ଛାର ନିଗୂଢ଼ତତ୍ତ୍ୱ ଜ୍ଞାତ କରାଇଅଛନ୍ତି,**
**୧୦ ଯେପରି କାଳର ପୂର୍ଣ୍ଣତା ସମ୍ବନ୍ଧୀୟ ତାହାଙ୍କ ସଙ୍କଳ୍ପାନୁସାରେ ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କଠାରେ ଏକୀଭୂତ କରିବେ ।**

ଏହି ଶାସ୍ତ୍ରାଂଶ ଶିକ୍ଷା ଦିଏ ଯେ ଈଶ୍ୱର କିଛି ଯୋଜନା ପ୍ରସ୍ତୁତ କରିଛନ୍ତି । ନୂତନ ନିୟମରେ ପ୍ରକାଶିତ ହେବା ପର୍ଯ୍ୟନ୍ତ ଏହି ଯୋଜନା ରହସ୍ୟାବୃତ ହୋଇ ରହିଥିଲା । ଈଶ୍ୱର ତାଙ୍କର ମଙ୍ଗଳମୟ ଇଚ୍ଛାନୁସାରେ ପୂର୍ବରୁ ଯାହା ସଙ୍କଳ୍ପ କରିଥିଲେ, ତାହା କାଳ ସମ୍ପୂର୍ଣ୍ଣ ହେଲେ ସ୍ୱର୍ଗ ଓ ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟକୁ ଏକତ୍ର କରି ତାହାଙ୍କ ଅଧୀନକୁ ଆଣିବେ । ସେ ଯେଉଁସବୁ ବିଷୟ ପୁନଃସ୍ଥାପିତ ହେବା ଚାହାନ୍ତି ସେସବୁକୁ ଏକତ୍ର କରାଯାଇ ତାଙ୍କ ନିକଟକୁ ଅଣାଯିବ ।

କଲସୀରେ ମଧ୍ୟ ସେହି କଥା କୁହାଯାଏ । କ୍ରୁଶରେ ସାଧିତ କାର୍ଯ୍ୟ ଯୋଗୁଁ ଈଶ୍ୱର ଆପଣା ସହିତ ସମସ୍ତ ବିଷୟର ମିଳନ କରିବାର ପଥ ପ୍ରସ୍ତୁତ କରିଛନ୍ତି ।

**କଲସୀୟ ୧:୨୦**
**ପୁଣି, ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନ କରି ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତର ମିଳନ କରନ୍ତି, ହଁ, ତାହାଙ୍କ ଦ୍ୱାରା ପୃଥିବୀ ବା ସ୍ୱର୍ଗରେ ସ୍ଥିତ ସମସ୍ତ ବିଷୟର ମିଳନ କରନ୍ତି ।**

ଏଠାରେ ଯେଉଁ ମୁଖ୍ୟ ବିଷୟ ଉପରେ ଆମେ ଗୁରୁତ୍ୱ ଦେବାକୁ ଚାହୁଁ ତା' ହେଲା ଲୁସିଫର୍‌ର ବିଦ୍ରୋହ ଯୋଗୁଁ ଓ ମନୁଷ୍ୟର ପତନ ହେତୁ ସବୁକିଛି ବିଫଳ ହୋଇଯାଇଛି ବୋଲି ମନେ ହେଉଥିଲା । କିନ୍ତୁ ଈଶ୍ୱର ଯୋଜନା ପ୍ରସ୍ତୁତ କରିସାରିଥିଲେ ଓ ଏକ ମାର୍ଗର ବ୍ୟବସ୍ଥା କରିଥିଲେ ଯେପରି କି ସମସ୍ତ ବିଷୟକୁ ମୁକ୍ତ କରି ସେ ତାଙ୍କ ନିକଟକୁ ଫେରାଇ ଆଣିବେ । ପ୍ରଭୁଙ୍କର କ୍ରୁଶୀୟ ରକ୍ତ ଦ୍ୱାରା ପାପୀ ମନୁଷ୍ୟ କ୍ଷମା ପ୍ରାପ୍ତ ହୁଏ ଓ ଈଶ୍ୱରଙ୍କ ସହିତ ସମ୍ମିଳିତ ହୁଏ । ଶୟତାନ ଓ ତା'ର ପାପାତ୍ମାସକଳ ଏବଂ ଯେଉଁମାନେ ଖ୍ରୀଷ୍ଟଙ୍କର ପରିତ୍ରାଣର ଯୋଜନାକୁ ଅଗ୍ରାହ୍ୟ କରିଛନ୍ତି, ସେମାନେ ଅନନ୍ତ କାଳ ବିଚ୍ଛିନ୍ନ ହୋଇ ନରକରେ ବିତାଇବେ, ଏବଂ ଈଶ୍ୱରଙ୍କର ମୂଳ ଯୋଜନା ନୂତନ ଆକାଶ ମଣ୍ଡଳ ଓ ନୂତନ ପୃଥିବୀରେ ସଫଳ ହୋଇ ପୁନଃସ୍ଥାପିତ ହେବ ।

**ପ୍ରକାଶିତ ୨୧:୧-୫**
**୧ ପରେ ମୁଁ ଏକ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ଦେଖିଲି, କାରଣ ପ୍ରଥମ ଆକାଶମଣ୍ଡଳ ଓ ପ୍ରଥମ ପୃଥିବୀ ଲୋପ ପାଇଥିଲା, ପୁଣି ସମୁଦ୍ର ଆଉ ନ ଥିଲା ।**
**୨ ପୁଣି ମୁଁ ପବିତ୍ର ନଗରୀ, ଅର୍ଥାତ୍ ନୂତନ ଯିରୁଶାଲମକୁ ବର ନିମନ୍ତେ ସଜ୍ଜିତା କନ୍ୟାର ସଦୃଶ ପ୍ରସ୍ତୁତା ହୋଇ ସ୍ୱର୍ଗରୁ ଈଶ୍ୱରଙ୍କ ନିକଟରୁ ଅବତରଣ କରିବାର ଦେଖିଲି ।**
**୩ ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହା ଶବ୍ଦ ଏହା କହିବାର ଶୁଣିଲି, ଦେଖ, ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ,**
**୪ ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ; ମୃତ୍ୟୁ ଆଉ ଘଟିବ ନାହିଁ; ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବ ନାହିଁ; କାରଣ ପୂର୍ବ ବିଷୟସବୁ ଲୋପ ପାଇଅଛି ।**
**୫ ପରେ ସିଂହାସନୋପବିଷ୍ଟ ବ୍ୟକ୍ତି କହିଲେ, ଦେଖ, ଆମ୍ଭେ ସମସ୍ତ ବିଷୟ ନୂତନ କରୁଅଛୁ । ଆଉ ସେ କହିଲେ, ଲେଖ, କାରଣ ଏହି ସମସ୍ତ ବାକ୍ୟ ବିଶ୍ୱସନୀୟ ଓ ସତ୍ୟ ।**

ଈଶ୍ୱର ମୁକ୍ତିକର୍ତ୍ତା । ଈଶ୍ୱରଙ୍କ ହୃଦୟ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ । ସେ ଚାହାନ୍ତି ସମସ୍ତ ବିଷୟକୁ ପୁନରୁଦ୍ଧାର ଓ ପୁନଃସ୍ଥାପିତ କରିବା ପାଇଁ ଏବଂ ଏଥିନିମନ୍ତେ ସେ ଯୋଜନା ପ୍ରସ୍ତୁତ କରିସାରିଛନ୍ତି ।

ଧର୍ମଶାସ୍ତ୍ରରେ ମୁକ୍ତି ସମ୍ପର୍କିତ ଅନେକ ଛବି ରହିଛି ଯାହା ଈଶ୍ୱରଙ୍କର ମୁକ୍ତିକାରୀ ହୃଦୟକୁ ପ୍ରକାଶ କରେ । ଏସବୁରୁ ଆମେ କେତୋଟିକୁ ଦେଖିବା ଏବଂ ସେଥିରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗୁଡ଼ିକ ଆଲୋଚନା କରିବା । ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟର ଏକ ଝଲକ ଦେଖିବା ଆମର ଉଦ୍ଦେଶ୍ୟ । ଆମ ମଧ୍ୟରେ ସୁଦ୍ଧା ଏପରି ହୃଦୟ ଗଠିତ ହେବା ଆବଶ୍ୟକ ।

### ଇଶ୍ରାଏଲ ଲୋକଙ୍କ ସହିତ ଈଶ୍ୱରଙ୍କ କାରବାର

ଈଶ୍ୱର ତାଙ୍କ ଲୋକମାନଙ୍କର ମୁକ୍ତିକର୍ତ୍ତା ଥିଲେ । ସେ ସେମାନଙ୍କୁ ଅନେକ ବିଷମ ଅବସ୍ଥାରୁ ଉଦ୍ଧାର କରିଥିଲେ, ସେଥିରୁ କେତେକ ସେମାନଙ୍କର ନିଜର ଅବାଧ୍ୟତା ଯୋଗୁଁ ଘଟିଥିଲା । ମିଶରୀୟ ଦାସତ୍ୱ, ବାବିଲୋନୀୟ ବନ୍ଦୀତ୍ୱ, ଓ ଅନ୍ୟ ଶତ୍ରୁମାନଙ୍କଠାରୁ ସେ ସେମାନଙ୍କୁ ମୁକ୍ତ କରିଥିଲେ ।

ଯାତ୍ରାପୁସ୍ତକ ୬:୬
ଏନିମନ୍ତେ ଇସ୍ରାଏଲ-ସନ୍ତାନଗଣକୁ କୁହ, ଆମ୍ଭେ ସଦାପ୍ରଭୁ, ଆମ୍ଭେ ତୁମ୍ଭମାନଙ୍କୁ ମିସ୍ରୀୟମାନଙ୍କ ଭାରବହନରୁ ନିସ୍ତାର କରିବା ଓ ଆମ୍ଭେ ତୁମ୍ଭମାନଙ୍କୁ ସେମାନଙ୍କ ଦାସତ୍ୱରୁ ମୁକ୍ତ କରିବା, ପୁଣି ଆମ୍ଭେ ବିସ୍ତାର୍ଣ୍ଣ ବାହୁ ଓ ମହା ମହା ଦଣ୍ଡ ଦ୍ୱାରା ତୁମ୍ଭମାନଙ୍କୁ ଉଦ୍ଧାର କରିବା ।

ଯାତ୍ରାପୁସ୍ତକ ୧୫:୧୩
ତୁମ୍ଭେ ଆପଣା ଦୟାରେ ନିଜ ମୁକ୍ତ ଲୋକମାନଙ୍କୁ ଗମନ କରାଉଅଛ, ତୁମ୍ଭେ ଆପଣା ପରାକ୍ରମରେ ସେମାନଙ୍କୁ ପଥ କଢ଼ାଇ ତୁମ୍ଭ ପବିତ୍ର ନିବାସ ସ୍ଥାନକୁ ନେଇ ଯାଉଅଛ ।

ଗୀତସଂହିତା ୭୮ :୩୫
ପରମେଶ୍ୱର ଯେ ସେମାନଙ୍କର ଶୈଳ ଓ ସର୍ବୋପରିସ୍ଥ ପରମେଶ୍ୱର ଯେ ସେମାନଙ୍କର ମୁକ୍ତିକର୍ତ୍ତା, ଏହା ସ୍ମରଣ କଲେ ।

ଯିଶାଇୟ ପୁସ୍ତକରେ ମୁକ୍ତିକୁ ମୁଖ୍ୟ ପ୍ରସଙ୍ଗସ୍ୱରୂପେ ନିଆଯାଇଛି ଓ ୧୩ ଥର ଈଶ୍ୱରଙ୍କୁ "ମୁକ୍ତିକର୍ତ୍ତା" କୁହାଯାଇଛି । ମିଶରରୁ ଉଦ୍ଧାର (ଯିଶାଇୟ ୫୧:୧୦; ୬୩:୯) ଏବଂ ବାବିଲୋନୀୟ ବନ୍ଦୀତ୍ୱରୁ ଉଦ୍ଧାରକୁ (ଯିଶାଇୟ ୪୮:୨୦; ୫୨:୩; ୫୨:୯; ୬୨:୧୨) ମୁକ୍ତିରୂପେ ବର୍ଣ୍ଣନା କରାଯାଇଛି ।

ଯିଶାଇୟ ୪୩:୧-୨
୧ ମାତ୍ର ହେ ଯାକୁବ, ଯେ ତୁମ୍ଭକୁ ସୃଷ୍ଟି କଲେ, ହେ ଇସ୍ରାଏଲ, ଯେ ତୁମ୍ଭକୁ ନିର୍ମାଣ କଲେ, ସେହି ସଦାପ୍ରଭୁ ଏବେ ଏହି କଥା କହନ୍ତି; ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ; ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର ।
୨ ତୁମ୍ଭେ ଜଳ ମଧ୍ୟଦେଇ ଯିବାବେଳେ ଆମ୍ଭେ ତୁମ୍ଭର ସଙ୍ଗୀ ହେବା; ନଦନଦୀ ମଧ୍ୟରେ ଗମନ କଲେ, ସେସବୁ ତୁମ୍ଭକୁ ମଗ୍ନ କରିବ ନାହିଁ; ତୁମ୍ଭେ ଅଗ୍ନି ମଧ୍ୟରେ ଗମନ କରିବାବେଳେ ଦଗ୍ଧ ନୋହିବ, କିଅବା ଅଗ୍ନିଶିଖା ତୁମ୍ଭର ଦାହ ଜନ୍ମାଇବ ନାହିଁ ।

ଇଶ୍ରାଏଲ ଲୋକମାନେ ଏହା ବୁଝିଥିଲେ ଓ ଈଶ୍ୱରଙ୍କୁ ସେମାନଙ୍କର ମୁକ୍ତିକର୍ତ୍ତାରୂପେ ଗ୍ରହଣ କରିଥିଲେ । ସେମାନଙ୍କର ଦୁଃଖ ଦୁର୍ଦ୍ଦଶାରେ ସେମାନେ ଆର୍ତ୍ତନାଦ କରୁଥିଲେ ଏବଂ ସେ ସେମାନଙ୍କୁ ଉଦ୍ଧାର ଓ ମୁକ୍ତି କରୁଥିଲେ ।

ଗୀତସଂହିତା ୧୦୭:୧୩, ୧୪
୧୩ ତେବେ ସେମାନେ ଆପଣାମାନଙ୍କ ସଙ୍କଟ ସମୟରେ ସଦାପ୍ରଭୁଙ୍କ ନିକଟରେ କାକୂକ୍ତି କଲେ, ତହିଁରେ ସେ ସେମାନଙ୍କ ଦୁର୍ଦ୍ଦଶାରୁ ସେମାନଙ୍କୁ ତ୍ରାଣ କଲେ ।
୧୪ ସେ ଅନ୍ଧକାର ଓ ମୃତ୍ୟୁଛାୟାରୁ ସେମାନଙ୍କୁ ବାହାର କରି ଆଣିଲେ ଓ ସେମାନଙ୍କ ବନ୍ଧନ ଛେଦନ କଲେ ।

**ଗୀତସଂହିତା ୧୦୭:୧୯, ୨୦**
**୧୯ ତେବେ ସେମାନେ ଆପଣା ଆପଣା ସଙ୍କଟ ସମୟରେ ସଦାପ୍ରଭୁଙ୍କ ନିକଟରେ କାକୂକ୍ତି କରନ୍ତି, ତହିଁରେ ସେ ସେମାନଙ୍କ ଦୁର୍ଦ୍ଦଶାରୁ ସେମାନଙ୍କୁ ତ୍ରାଣ କରନ୍ତି ।**
**୨୦ ସେ ଆପଣା ବାକ୍ୟ ପଠାଇ ସେମାନଙ୍କୁ ସୁସ୍ଥ କରନ୍ତି, ପୁଣି ବିନାଶରୁ ସେମାନଙ୍କୁ ଉଦ୍ଧାର କରନ୍ତି ।**

**ଗୀତସଂହିତା ୧୦୭:୨୮, ୨୯**
**୨୮ ତେବେ ସେମାନେ ଆପଣା ଆପଣା ସଙ୍କଟ ସମୟରେ ସଦାପ୍ରଭୁଙ୍କ ନିକଟରେ କାକୂକ୍ତି କରନ୍ତି, ତହିଁରେ ସେ ସେମାନଙ୍କ ଦୁର୍ଦ୍ଦଶାରୁ ସେମାନଙ୍କୁ ଉଦ୍ଧାର କରନ୍ତି ।**
**୨୯ ସେ ବତାସକୁ ସୁସ୍ଥିର କରନ୍ତି, ତହୁଁ ସମୁଦ୍ରର ତରଙ୍ଗମାଳା ନିରସ୍ତ ହୁଏ ।**

ପ୍ରଭୁ ଆମର ମୁକ୍ତିକର୍ତ୍ତା । ଆମେ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା, ଯେପରି କି ସେ ଆମକୁ ମୁକ୍ତି କରନ୍ତି, ଆମମାନଙ୍କ ଜୀବନର ବିଭିନ୍ନ ପରିସ୍ଥିତିରୁ ଆମକୁ ଉଦ୍ଧାର କରନ୍ତି ଏବଂ ଆମେ ଯେଉଁମାନଙ୍କ ନିକଟରେ ସେବାକାର୍ଯ୍ୟ କରୁ ସେମାନଙ୍କ ଜୀବନରେ ମଧ୍ୟ ତାଙ୍କ ମୁକ୍ତିର କାର୍ଯ୍ୟ କରନ୍ତି ।

## ଜୁବିଲି ବର୍ଷ

ପୁରାତନ ନିୟମରେ ତାଙ୍କ ଲୋକମାନଙ୍କର ଗୋଷ୍ଠୀଗତ ଜୀବନର ଅଂଶବିଶେଷରୂପେ ଈଶ୍ୱର ଜୁବିଲି ବର୍ଷ ପାଳନ କରିବାର ବ୍ୟବସ୍ଥା ପ୍ରଚଳନ କରିଥିଲେ ଯାହା ଲେବୀପୁସ୍ତକ ୨୫ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ଏହା ମୁକ୍ତିର ଏକ ଶକ୍ତିଶାଳୀ ଚିତ୍ର । ଏବ୍ରୀ ଭାଷାରେ ବ୍ୟବହୃତ ଜୁବିଲି ଶବ୍ଦର ଅର୍ଥ "ତୂରୀ ଧ୍ୱନି", ଯାହା ଏକ ଘୋଷଣାକୁ ସୂଚାଏ । ଯିହୂଦୀମାନେ ପଞ୍ଚାଶତମ ବର୍ଷକୁ ଜୁବିଲି ବର୍ଷରୂପେ ପାଳନ କରୁଥିଲେ । ଏହି ବର୍ଷରେ ମୁକ୍ତିର ଘୋଷଣା କରାଯାଉଥିଲା । ଏହି ସମୟରେ କ୍ରୀତଦାସମାନଙ୍କୁ ମୁକ୍ତ କରାଯାଉଥିଲା, ଯେପରି କି ସେମାନେ ନିଜ ପରିବାରକୁ ଓ ପୈତୃକ ଗୃହକୁ ଚାଲିଯିବେ, ଏବଂ ସମସ୍ତ ଭୂମି ସେସବୁର ମୂଳ ଅଧିକାରୀଙ୍କୁ ଫେରାଇ ଦିଆଯାଉଥିଲା । ଏହା ମହାଉଲ୍ଲାସ ଓ ଉତ୍ସବର ସମୟ ଥିଲା ।

ନିମ୍ନ ଶାସ୍ତ୍ରାଂଶଗୁଡ଼ିକ ଜୁବିଲି ବର୍ଷ ସମ୍ପର୍କରେ ବର୍ଣ୍ଣନା କରେ:

**ଲେବୀପୁସ୍ତକ ୨୫:୧୦, ୧୩, ୧୪**
**୧୦ ପୁଣି, ତୁମ୍ଭେମାନେ ପଞ୍ଚାଶତ୍ତମ ବର୍ଷକୁ ପବିତ୍ର ରୂପେ ମାନ୍ୟ କରିବ, ଆଉ ସମୁଦାୟ ଦେଶରେ ତହିଁର ସମସ୍ତ ନିବାସୀମାନଙ୍କ ପ୍ରତି ମୁକ୍ତି ଘୋଷଣା କରିବ; ତାହା ତୁମ୍ଭମାନଙ୍କ ନିମନ୍ତେ ଯୋବେଲ (ମହୋଲ୍ଲାସ-ଉତ୍ସବ) ହେବ ଓ ତୁମ୍ଭେମାନେ ପ୍ରତି ଜଣ ଆପଣା ଆପଣା ଅଧିକାରକୁ ଫେରିଯିବ ଓ**

**ପ୍ରତି ଜଣ ଆପଣା ଆପଣା ବଂଶ ନିକଟକୁ ଫେରିଯିବ ।**
**୧୩ ସେହି ଯୋବେଲ ବର୍ଷରେ ପ୍ରତି ଜଣ ଆପଣା ଆପଣା ଅଧିକାରକୁ ଫେରିଯିବ ।**
**୧୪ ଯେବେ ତୁମ୍ଭେ ଆପଣା ପ୍ରତିବାସୀକି କୌଣସି ଭୂମ୍ୟାଦି ବିକ, ଅବା ଆପଣା ପ୍ରତିବାସୀ ହସ୍ତରୁ କିଣ, ତେବେ ତୁମ୍ଭେମାନେ ଏକଆରେକ ପ୍ରତି ଅନ୍ୟାୟ କରିବ ନାହିଁ ।**

**ଲେବୀପୁସ୍ତକ ୨୫:୩୯-୪୧**
**୩୯ ଆଉ ଯେବେ ତୁମ୍ଭ ଭାଇ ଦରିଦ୍ର ହୋଇଯାଏ ଓ ତୁମ୍ଭ ନିକଟରେ ଆପଣାକୁ ବିକ୍ରୟ କରେ, ତେବେ ତୁମ୍ଭେ ତାହାକୁ ବନ୍ଧା-ଦାସ କରି ପରିଶ୍ରମ କରାଇବ ନାହିଁ ।**
**୪୦ ସେ ବର୍ତ୍ତନଜୀବୀ ଓ ପ୍ରବାସୀ ନ୍ୟାୟ ତୁମ୍ଭ ସହିତ ବାସ କରିବ; ସେ ଯୋବେଲ ବର୍ଷ ପର୍ଯ୍ୟନ୍ତ ତୁମ୍ଭର ଦାସ୍ୟକର୍ମ କରିବ ।**
**୪୧ ତହୁଁ ସେ ଆପଣା ସନ୍ତାନଗଣ ସହିତ ତୁମ୍ଭଠାରୁ ମୁକ୍ତ ହୋଇ ଆପଣା ବଂଶ ନିକଟକୁ ଓ ତାହାର ପୈତୃକ ଅଧିକାରକୁ ଫେରିଯିବ ।**

ଜୁବିଲି ବର୍ଷ ପାଳନର ବ୍ୟବସ୍ଥା କରି ଈଶ୍ୱର ତାଙ୍କ ଲୋକମାନଙ୍କ ନିକଟରେ ଆପଣା ହୃଦୟକୁ ପ୍ରକାଶ କରିଥିଲେ । ଲୋକମାନେ ମୁକ୍ତି ପାଆନ୍ତୁ ଏବଂ ସୁଖୀ ଓ ସ୍ୱାସ୍ଥ୍ୟବାନ ହେବାର ପୂର୍ବାବସ୍ଥାକୁ ଫେରି ଆସନ୍ତୁ ବୋଲି ଈଶ୍ୱର ଚାହାନ୍ତି । ସେ ମଧ୍ୟ ବାଞ୍ଛା କରନ୍ତି ଯେ ତାଙ୍କର ଲୋକମାନେ ମଧ୍ୟ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ ହୋଇ ଅନ୍ୟମାନଙ୍କୁ ସେମାନଙ୍କ ବନ୍ଧନରୁ ମୁକ୍ତ କରନ୍ତୁ ।

ପ୍ରଭୁ ଯୀଶୁ ଆଗମନ କରି ଘୋଷଣା କରିଥିଲେ ଯେ ସେ "ପ୍ରଭୁଙ୍କ ଅନୁଗ୍ରହବର୍ଷ ଘୋଷଣା କରିବାକୁ ଆସିଛନ୍ତି" (ଲୂକ ୪:୧୯), ଯାହା ଜୁବିଲି ବର୍ଷ ସମ୍ପର୍କରେ କୁହାଯାଏ । ବର୍ତ୍ତମାନ ଆମେ "ପ୍ରଭୁଙ୍କ ଅନୁଗ୍ରହବର୍ଷ"ରେ ବାସ କରୁଛୁ, ଯାହା ସମସ୍ତଙ୍କର ଜୁବିଲିର ସମୟ, ମୁକ୍ତି ଓ ପୁନଃସ୍ଥାପନର ସମୟ ଅଟେ ।

## ମୁକ୍ତିକର୍ତ୍ତା-ଜ୍ଞାତି

ପୁରାତନ ନିୟମରେ ଈଶ୍ୱର ତାଙ୍କ ଲୋକମାନଙ୍କ ମଧ୍ୟରେ "ମୁକ୍ତିକର୍ତ୍ତା-ଜ୍ଞାତି"ର ବ୍ୟବସ୍ଥା ରଖିଥିଲେ, ଯାହାର ଚିନ୍ତାଧାରା ଓ ଅଭ୍ୟାସ ମୁକ୍ତିର ଅନ୍ୟ ଏକ ଶକ୍ତିଶାଳୀ ନିଦର୍ଶନ ।

ଏଥିରେ ନିହିତ ଥିବା ମୂଳ ଚିନ୍ତାଧାରା ହେଉଛି ଜଣେ ବ୍ୟକ୍ତି ବା ଭୂସମ୍ପତ୍ତି ଯଦି ଋଣସୂତ୍ରରେ ବିକ୍ରୀତ ହୋଇଥାଏ, ତାକୁ ମୁକ୍ତ କରିବା, ଯେପରି ଗଣନା ପୁସ୍ତକରେ କୁହାଯାଏ:

**ଲେବୀପୁସ୍ତକ ୨୫:୨୫**

**ଯେବେ ତୁମ୍ଭର ଭ୍ରାତା ଦରିଦ୍ର ହୋଇ ଆପଣା ଅଧିକାରରୁ କିଛି ବିକ୍ରୟ କରେ, ତେବେ ତାହାର ମୁକ୍ତିକର୍ତ୍ତା ନିକଟସ୍ଥ ଜ୍ଞାତି ଆସି ଆପଣା ଭ୍ରାତାର ବିକ୍ରୀତ ଭୂମି ମୁକ୍ତ କରି ନେବ ।**

ଯଦି ଜଣେ ଗରିବ ବ୍ୟକ୍ତି ତା'ର ଭୂ-ସମ୍ପତ୍ତିକୁ ବିକ୍ରି କରିଦେଇଥାଏ ଓ ପରବର୍ତ୍ତୀ ସମୟରେ ସେ ସମୃଦ୍ଧ ହୋଇ ତା'ର ବିକ୍ରୀତ ଭୂମିକୁ ମୁକ୍ତି କରିବାକୁ ଯଥେଷ୍ଟ ଧନ ପାଏ, ତେବେ ତାହା ସେ ମୁକ୍ତ କରିପାରିବ (ଲେବୀପୁସ୍ତକ ୨୫:୨୬, ୨୭) । ଜଣେ ଦରିଦ୍ର ବ୍ୟକ୍ତି ଆପଣାର କୌଣସି ଇଶ୍ରାଏଲୀୟ ନିକଟରେ ବା ସେଠାରେ ବାସ କରୁଥିବା କୌଣସି ବିଦେଶୀ କି ପ୍ରବାସୀ ନିକଟରେ ନିଜକୁ ବିକ୍ରି କରିପାରେ (ଲେବୀପୁସ୍ତକ ୨୫:୩୯, ୪୭) । ତେବେ ତା'ର ନିକଟବର୍ତ୍ତୀ କୌଣସି ଜ୍ଞାତି ତା'କୁ ମୁକ୍ତ କରିପାରିବେ । ସେ ତା'ର ଭ୍ରାତା, ପିତୃବ୍ୟ, ପିତୃବ୍ୟପୁତ୍ର, ଅବା ତା'ର ବଂଶଜାତ ନିକଟବର୍ତ୍ତୀ କୌଣସି ଜ୍ଞାତି ହୋଇଥିବା ଆବଶ୍ୟକ (ଲେବୀପୁସ୍ତକ ୨୫:୨୫, ୪୮, ୪୯) ।

ନିଜକୁ ବିକ୍ରି କରି ଦେଇଥିବା ବ୍ୟକ୍ତିର ଆର୍ଥିକ ଅବସ୍ଥା ଖରାପ ଥିଲା ବୋଲି ତା'ର ଯେଉଁ ଜ୍ଞାତି ତାକୁ ମୁକ୍ତ କଲା, ତାକୁ ମୁକ୍ତିକର୍ତ୍ତା-ଜ୍ଞାତି କୁହାଯାଉଥିଲା । ଜ୍ଞାତିର ସଙ୍କୋଚତା, ଜୀବନ, ସମ୍ପତ୍ତି ଓ ପରିବାରର ନାମ ରକ୍ଷାକରିବା ଏବଂ ତା'ର ହତ୍ୟାକାରୀ ବିରୁଦ୍ଧରେ ନ୍ୟାୟିକ ଲଢ଼େଇ କରିବା ଏହି ମୁକ୍ତିକର୍ତ୍ତା-ଜ୍ଞାତିର ଦାୟିତ୍ୱ ।

ରୁତ ପୁସ୍ତକ ମୁକ୍ତିକର୍ତ୍ତା-ଜ୍ଞାତିର ଏକ ସୁନ୍ଦର କାହାଣୀ ଅଟେ ।

ଯିହୁଦା ଦେଶରେ ଦୁର୍ଭିକ୍ଷ ହେବାରୁ ଏଲିମେଲକ ତାଙ୍କ ଭାର୍ଯ୍ୟା ନୟମୀ, ଏବଂ ତାଙ୍କର ଦୁଇ ପୁଅ ମହଲୋନ ଓ କିଲିୟୋନଙ୍କୁ ନେଇ ବୈଥିଲେହମ୍‌ରୁ ମୋୟାବ ଦେଶକୁ ଆସି ସେଠାରେ ରହିଲେ । ଏଲିମେଲକଙ୍କ ମୃତ୍ୟୁ ଘଟିଲା । ତାଙ୍କର ଦୁଇ ପୁଅ ମୋୟାବ ଦେଶର ସ୍ତ୍ରୀମାନଙ୍କ ମଧ୍ୟରୁ ଭାର୍ଯ୍ୟା ଗ୍ରହଣ କଲେ, ଜଣଙ୍କର ନାମ ଅର୍ପା ଓ ଅନ୍ୟର ନାମ ରୁତ ଥିଲା । ଦଶ ବର୍ଷ ପରେ ନୟମୀଙ୍କର ଦୁଇ ପୁଅ ନିଃସନ୍ତାନ ହୋଇ ମରିଗଲେ । ସେତେବେଳେ ନୟମୀ ଯିହୁଦା ଦେଶକୁ ଫେରିଯିବାକୁ ମନସ୍ଥ କଲା । ତେଣୁ ସେ ତାଙ୍କର ଦୁଇ ବୋହୁଙ୍କୁ ଅନୁରୋଧ କଲା ଯେପରି ସେମାନେ ନିଜ ନିଜର ପିତୃଗୃହକୁ ଫେରିଯାଆନ୍ତି ଓ ଘରସଂସାର କରନ୍ତି । ଅର୍ପା ଫେରିଗଲା, କିନ୍ତୁ ରୁତ ତାଙ୍କ ଶାଶୁଙ୍କ ସହିତ ରହିବାକୁ ନିଷ୍ପତ୍ତି ନେଲେ । ଏହା ଏକ ସାହସିକ ନିଷ୍ପତ୍ତି ଥିଲା, କାରଣ ନୟମୀଙ୍କ ପାଖରେ କିଛି ନ ଥିଲା ଯାହା ସେ ରୁତଙ୍କୁ ଦେଇପାରିବେ । ନୟମୀ ରୁତଙ୍କୁ ବାରମ୍ବାର ଫେରିଯିବାକୁ କହିବା ପରେ ରୁତ ଯାହା କହିଥିଲେ, ତାହା ତାଙ୍କ ସମର୍ପଣ ଭାବକୁ ପ୍ରକାଶ କରିଥିଲା ।

**ରୁତ ୧:୧୬,୧୭**

**୧୬ ରୁତ କହିଲା, ତୁମ୍ଭକୁ ତ୍ୟାଗ କରି ତୁମ୍ଭର ପଶ୍ଚାଦ୍‌ଗମନ କରିବାରୁ ଫେରି ଯିବାକୁ ମୋତେ ବିନୟ ନ କର, ଯେହେତୁ ତୁମ୍ଭେ ଯେଉଁଠାକୁ ଯିବ, ମୁଁ ମଧ୍ୟ ସେହିଠାକୁ ଯିବି; ତୁମ୍ଭେ ଯେଉଁଠାରେ ରହିବ, ମୁଁ ମଧ୍ୟ ସେହିଠାରେ ରହିବି; ତୁମ୍ଭର ଲୋକ ହିଁ ମୋହର ଲୋକ ଓ ତୁମ୍ଭର ପରମେଶ୍ୱର ହିଁ ମୋହର ପରମେଶ୍ୱର ହେବେ ।**

**୧୭ ତୁମ୍ଭେ ଯେଉଁଠାରେ ମରିବ, ମୁଁ ମଧ୍ୟ ସେହିଠାରେ ମରିବି ଓ ସେହିଠାରେ ମୋହର କବର ହେବ; କେବଳ ମୃତ୍ୟୁ ଛଡ଼ା ଆଉ କିଛି ହିଁ ଯେବେ ତୁମ୍ଭକୁ ଓ ମୋତେ ବିଚ୍ଛେଦ କରଇ, ତେବେ ସଦାପ୍ରଭୁ ସେହି ଦଣ୍ଡ, ମଧ୍ୟ ତହିଁରୁ ଅଧିକ ମୋତେ ଦେଉନ୍ତୁ ।**

ନୟମୀ ଓ ରୁତ ବୈଥଲହମ୍‌କୁ ଫେରି ଆସିଲେ । ସେ ସମୟରେ ଯବ-ଶସ୍ୟଚ୍ଛେଦନ ଆରମ୍ଭ ହୋଇଥିଲା । ସହରରେ ରୁତ ବିଷୟରେ ସମ୍ବାଦ ବ୍ୟାପି ଯାଇଥିଲା ଯେ ସେ ବିଦେଶିନୀ ମହିଳା ଥିଲେ, ମୋୟାବରୁ ଆସିଥିଲେ ଓ ଶାଶୁ ସଙ୍ଗେ ରହିବାର ସଙ୍କଳ୍ପ ନେଇ ସେ ବୈଥଲହମ୍‌କୁ ଆସିଥିଲେ । ନୟମୀ ଓ ରୁତ ବୈଥଲହମ୍‌ରେ ନୂଆ ଜୀବନ ଆରମ୍ଭ କଲେ । ଈଶ୍ୱର ଗରିବ ଲୋକଙ୍କ ପାଇଁ ଯେଉଁ ବ୍ୟବସ୍ଥା କରିଥିଲେ, ଅର୍ଥାତ୍ ଶସ୍ୟକଟାଳିମାନେ ଛାଡ଼ି ଦେଇଥିବା ଶସ୍ୟ ସାଉଣ୍ଟିବା ପାଇଁ ରୁତ ଗଲେ । ଦୈବାତ୍ ସେ ବୋୟାଜଙ୍କ କ୍ଷେତରେ ପହଞ୍ଚିଲେ । ବୋୟାଜ ରୁତଙ୍କ ଶ୍ୱଶୁର ଏଲିମେଲକଙ୍କ ବଂଶର ଲୋକ ଥିଲେ ଯାହା ରୁତ ଜାଣି ନ ଥିଲେ । ବୋୟାଜ ରୁତଙ୍କ ପ୍ରତି ଦୟା କଲେ ଓ ତାଙ୍କ କ୍ଷେତରୁ ଶସ୍ୟ ସାଉଣ୍ଟିବା ପାଇଁ ଉତ୍ସାହିତ କଲେ । ପରେ, ରୁତ ନୟମୀଙ୍କୁ ଜଣାଇଲେ ଯେ, ବୋୟାଜ ନାମକ ଜଣେ ବ୍ୟକ୍ତିର କ୍ଷେତରୁ ସେ ଶସ୍ୟ ସାଉଣ୍ଟୁଛନ୍ତି । ନୟମୀ ବୋୟାଜଙ୍କୁ ଚିହ୍ନିଲେ ଓ ରୁତଙ୍କୁ କହିଲେ ଯେ ସେ ତାଙ୍କର ଜଣେ ଆତ୍ମୀୟ ଓ ଜଣେ ମୁକ୍ତିକର୍ତ୍ତା-ଜ୍ଞାତି ଅଟନ୍ତି । ସେ ମଧ୍ୟ ତାଙ୍କୁ ଶିଖାଇଲେ କିପରି ସେ ବୋୟାଜଙ୍କୁ ମୁକ୍ତିକର୍ତ୍ତା-ଜ୍ଞାତିର ଭୂମିକା ନିଭାଇବା ପାଇଁ ଅନୁରୋଧ କରିବେ ।

**ରୁତ ୨:୨୦**

**ଏଥିରେ ନୟମୀ ଆପଣା ପୁତ୍ରବଧୂକୁ କହିଲା, ଯେ ଜୀବିତ ଓ ମୃତ ଲୋକମାନଙ୍କ ପ୍ରତି ଅନୁଗ୍ରହ ନିବୃତ୍ତ କରି ନାହାନ୍ତି, ସେହି ସଦାପ୍ରଭୁଙ୍କଠାରୁ ସେ ଆଶୀର୍ବାଦ ପ୍ରାପ୍ତ ହେଉ । ନୟମୀ ଆହୁରି କହିଲା, ସେ ଜଣ ଆମ୍ଭମାନଙ୍କର ନିକଟ କୁଟୁମ୍ବ, ଆମ୍ଭମାନଙ୍କର ମୁକ୍ତିକର୍ତ୍ତା ଜ୍ଞାତିମାନଙ୍କ ମଧ୍ୟରୁ ଜଣେ ଅଟଇ ।**

ରୁତଙ୍କ ଅନୁରୋଧକ୍ରମେ ବୋୟାଜ ମୁକ୍ତିକର୍ତ୍ତା-ଜ୍ଞାତିର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଅଗ୍ରସର ହେଲେ । ସେ ପ୍ରଥମେ ଆହୁରି ଜଣେ ନିକଟ ସମ୍ପର୍କୀୟ ମୁକ୍ତିକର୍ତ୍ତା-ଜ୍ଞାତିକୁ ପଚାରିଲେ ସେ କ'ଣ ମୁକ୍ତିକର୍ତ୍ତା-ଜ୍ଞାତିରୂପେ କର୍ତ୍ତବ୍ୟ କରିବେ ?

**ରୁତ ୪:୫**

**ତେବେ ବୋୟଜ କହିଲା, ତୁମ୍ଭେ ଯେଉଁ ଦିନ ନୟମୀର ହସ୍ତରୁ ସେହି କ୍ଷେତ୍ର କିଣିବ, ସେହିଦିନ ମୃତଲୋକର ଅଧିକାରରେ ତାହାର ନାମ ରକ୍ଷା କରିବା ନିମନ୍ତେ ତାହାର ଭାର୍ଯ୍ୟା ମୋୟାବ ଦେଶୀୟା ରୂତଠାରୁ ହିଁ ତାହା କିଣିବାକୁ ହେବ ।**

ନୟମୀ ଜଣେ ବିଧବା ପୁତ୍ରବଧୂ ରହିଥିବାରୁ, ନୟମୀର ଜମି କିଣିବା ସଙ୍ଗେ ସଙ୍ଗେ ଭାଇଙ୍କର ବିଧବା ପତ୍ନୀକୁ ମଧ୍ୟ ବିବାହ କରି ସନ୍ତାନ ଉତ୍ପନ୍ନ କରିବା ମୁକ୍ତିକର୍ତ୍ତା-ଜ୍ଞାତିର କର୍ତ୍ତବ୍ୟ ଥିଲା । ସେ ମୃତଭାଇର ବିଧବା ପତ୍ନୀକୁ ବିବାହ ନ କରି କେବଳ ଜମି କିଣି ନେଇ ପାରିବ ନାହିଁ । ପ୍ରଥମ ମୁକ୍ତିକର୍ତ୍ତା-ଜ୍ଞାତି ଏଥିନିମନ୍ତେ ନିଜର ଅସାମର୍ଥ୍ୟ ପ୍ରକାଶ କଲେ । ତେଣୁ ବୋୟାଜ ଆଗଭର ହୋଇ ନୟମୀଙ୍କ ଜମି କିଣିବା ସଙ୍ଗେ ସଙ୍ଗେ ରୁତଙ୍କୁ ବିବାହ କଲେ ।

ଅଣଯିହୁଦୀ ରୁତ, ମୋୟାବ ଦେଶରୁ ଆସିଥିବା ବିଦେଶିନୀ ମହିଳା ଥିଲେ । ସେ ସବୁ କିଛି ହରାଇଥିଲେ (ସ୍ୱାମୀହୀନା, ସନ୍ତାନବିହୀନା) ଓ ତାଙ୍କର କିଛି ନ ଥିଲା (ନିଜ ଦେଶରେ ସେ ନିଜର ଜମିବାଡ଼ି ଓ ନିଜ ଲୋକମାନଙ୍କୁ ଛାଡ଼ି ଶାଶୁଙ୍କ ପଛରେ ଆସିଥିଲେ) । ମୁକ୍ତିକର୍ତ୍ତା-ଜ୍ଞାତି ତାଙ୍କର ସମ୍ମାନ, ମର୍ଯ୍ୟାଦା, ପରିବାର, ସ୍ଥିତି ଓ ତାଙ୍କର ବାଞ୍ଛିତ ସବୁ ବିଷୟ ପୂରଣ ଓ ପୁନଃସ୍ଥାପନ କଲେ । କେବଳ ସେତିକି ନୁହେଁ, ମୁକ୍ତିକର୍ତ୍ତା-ଜ୍ଞାତିଙ୍କ ଯୋଗୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବଂଶାବଳୀରେ ରୁତ ସ୍ଥାନ ପାଇଲେ (ମାଥିଉ ୧:୫) ।

## ଅପବ୍ୟୟୀ ପୁତ୍ରର କାହାଣୀ

ଏହି କାହାଣୀ (ଲୂକ ୧୫:୧୧-୨୪) ସମସ୍ତଙ୍କର ସୁପରିଚିତ । ଯଦିବା ଏହି କାହାଣୀରେ ମୁକ୍ତିର ସମସ୍ତ ଉପାଦାନ ନାହିଁ (ଯେପରି ମୁକ୍ତିର ମୂଲ୍ୟ ଦେବା), ତେବେ ପୁତ୍ରର ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରି ରହିଥିବା ପିତାଙ୍କ ହୃଦୟକୁ ଆମେ ଏଠାରେ ଦେଖିଥାଉ । ଭୁଲ ଯାହା ହୋଇଥାଉ ନା କାହିଁକି, ପିତା ଚାହୁଁଥିଲେ ପୁତ୍ର ମୁକ୍ତିପ୍ରାପ୍ତ ଓ ପୁନଃସ୍ଥାପିତ ହେଉ । ଆମେ କଳ୍ପନା କରିପାରୁ, ପିତା ପ୍ରତିଦିନ ତାଙ୍କ ଗୃହଦ୍ୱାରରେ ତାଙ୍କର ବିପଥଗାମୀ ପୁତ୍ରର ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରି ରହୁଥିଲେ । ପିତାଙ୍କ ହୃଦୟରେ ପ୍ରତିଶୋଧ ନେବା,

ଦଣ୍ଡ ବା ଅପମାନ ଦେବାର ଭାବନା ନ ଥିଲା, ମାତ୍ର ପ୍ରେମ, ପୁନଃସ୍ଥାପନ, କ୍ଷମା ଓ ଉତ୍ସବ ପାଳନର ଭାବନା ରହିଥିଲା ଏବଂ ପୁତ୍ର ଫେରିଆସିବା ପରେ ତାହା ହିଁ ପ୍ରକାଶ ପାଇଥିଲା । ପିତା ପୁତ୍ରକୁ କ୍ଷମା ଦେଲେ, ତାକୁ ପୁନଃସ୍ଥାପିତ କଲେ ଓ ସେ ଫେରି ଆସିବାରୁ ଆନନ୍ଦ ଉତ୍ସବ ପାଳନ କଲେ । ଏହି କାହାଣୀରେ ଈଶ୍ୱରଙ୍କର ହୃଦୟ ପ୍ରକାଶିତ ହୋଇଅଛି । ଆମର ଅନନ୍ତକାଳୀନ ପିତାଙ୍କ ହୃଦୟ ଆମ ପ୍ରତି ଅନୁରୂପ ଅଟେ । ଆମ ସ୍ୱର୍ଗସ୍ଥ ପିତାଙ୍କର ହୃଦୟ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ ଏବଂ ସେ ଆମମାନଙ୍କୁ କ୍ଷମାପ୍ରାପ୍ତ, ସୁସ୍ଥ ଓ ପୁନଃସ୍ଥାପିତ ଦେଖିବାକୁ ଚାହିଁଥାନ୍ତି ।

## ମୁକ୍ତିର ମହାଯୋଜନା

ସର୍ବଶ୍ରେଷ୍ଠ ମୁକ୍ତିର କାହାଣୀ ହେଉଛି ଈଶ୍ୱରଙ୍କର ମନୁଷ୍ୟଜାତିକୁ ମୁକ୍ତ କରିବାର ଯୋଜନା । ଆମର ପାପ ଅପରାଧ ସତ୍ତ୍ୱେ, ସୃଷ୍ଟିକର୍ତ୍ତା ଓ ବିଚାରକର୍ତ୍ତା ଈଶ୍ୱର ସ୍ୱୟଂ ଆମର ମୁକ୍ତିକର୍ତ୍ତା ଓ ପରିତ୍ରାଣକର୍ତ୍ତାରୂପେ ଅବତୀର୍ଣ୍ଣ ହେଲେ । ପାପ କରି ଆମେ ତାଙ୍କର ଶତ୍ରୁ ହୋଇଥିଲୁ, କିନ୍ତୁ ସେ ଆମମାନଙ୍କୁ ତାହାଙ୍କ ସହିତ ସମ୍ମିଳିତ କଲେ, ସମ୍ପୂର୍ଣ୍ଣରୂପେ ଆମମାନଙ୍କୁ ପୁନଃସ୍ଥାପିତ କଲେ ଏବଂ ତାହାଙ୍କ ଦୃଷ୍ଟିରେ ପବିତ୍ର ଓ ନିର୍ଦ୍ଦୋଷ କଲେ । ସମ୍ପୂର୍ଣ୍ଣରୂପେ ସେ ଏହା କଲେ । ସେ ଏହା ଆମ ନିମନ୍ତେ ସମ୍ଭବ କଲେ, ଏବଂ ସେ ପ୍ରତ୍ୟେକ ଲୋକଙ୍କୁ ଆମନ୍ତ୍ରଣ କରନ୍ତି ଯେପରି ସେମାନେ ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ଏହାକୁ ବ୍ୟକ୍ତିଗତରୂପେ ଅନୁଭବ କରନ୍ତି ।

**କଲସୀୟ ୧:୨୦-୨୨**
**୨୦ ପୁଣି, ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନ କରି ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତର ମିଳନ କରନ୍ତି, ହଁ, ତାହାଙ୍କ ଦ୍ୱାରା ପୃଥିବୀ ବା ସ୍ୱର୍ଗରେ ସ୍ଥିତ ସମସ୍ତ ବିଷୟର ମିଳନ କରନ୍ତି ।**
**୨୧ ଆଉ, ପୂର୍ବେ ଦୁଷ୍କର୍ମ କରି ତୁମ୍ଭେମାନେ ଈଶ୍ୱରଙ୍କଠାରୁ ପୃଥକ୍ ଓ ମନରେ ତାହାଙ୍କର ଶତ୍ରୁ ଥିଲ,**
**୨୨ କିନ୍ତୁ ଏବେ ସେ ତୁମ୍ଭମାନଙ୍କୁ ମଧ୍ୟ ଆପଣା ସାକ୍ଷାତରେ ପବିତ୍ର, ଅନିନ୍ଦନୀୟ ଓ ନିର୍ଦ୍ଦୋଷ କରି ସ୍ଥାପନ କରିବା ନିମନ୍ତେ ଖ୍ରୀଷ୍ଟଙ୍କ ମାଂସମୟ ଶରୀରରେ ମୃତ୍ୟୁ ଦ୍ୱାରା ତୁମ୍ଭମାନଙ୍କୁ ଆପଣା ସହିତ ମିଳିତ କରିଅଛନ୍ତି ।**

ଈଶ୍ୱରଙ୍କ ପ୍ରେମ ବନ୍ଧନମୁକ୍ତ, ଅସୀମିତ । ଆମମାନଙ୍କ ପ୍ରତି ତାଙ୍କର ପ୍ରେମରୁ ଆମକୁ କୌଣସି ବିଷୟ ବିଚ୍ଛିନ୍ନ କରି ପାରିବ ନାହିଁ । ଜଣେ ବ୍ୟକ୍ତି ନିଜକୁ ଯେତେ ବିଶୃଙ୍ଖଳିତ କରିଦେଇଥାଉ, ତା'ର ପାପ ଯେତେ ଗର୍ହିତ ହୋଇଥାଉ, ସେ ଯେତେ ଦୂରକୁ

ଚାଲିଯାଇଥାଉ, ସେ ନିଜକୁ ଯେତେ ନଷ୍ଟ କରି ଦେଇଥାଉ, ସେ ନିଜଦ୍ୱାରା ନିଜ ପାଇଁ ଯେତେ ଗଭୀର କ୍ଷତ ସୃଷ୍ଟି କରିଥାଉ, ଈଶ୍ୱର ତଥାପି ତାକୁ ପ୍ରେମ କରନ୍ତି ଓ ତାକୁ ମୁକ୍ତିପ୍ରାପ୍ତ ଦେଖିବାକୁ ଇଚ୍ଛା କରନ୍ତି ।

**ରୋମୀୟ ୮:୩୮-୩୯**
**୩୮ କାରଣ ମୃତ୍ୟୁ କି ଜୀବନ, ଦୂତ କି କର୍ତ୍ତାପଣ, ବର୍ତ୍ତମାନ କି ଭବିଷ୍ୟତ କି ପରାକ୍ରମ,**
**୩୯ ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଶ୍ଚିତରୂପେ ଜାଣେ ।**

ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେଇ ପାରନ୍ତି । ଜଣେ ବ୍ୟକ୍ତି ପାପରେ ଯେତେ ତଳକୁ ଖସିଯାଇଥାଉ, ଯେତେଦୂର ତା'ର ସ୍ଖଳନ ଘଟିଥାଉ, ସେ ତାକୁ ମୁକ୍ତି କରିବାକୁ ଓ ପରିତ୍ରାଣ ଦେବାକୁ ବାଞ୍ଛା କରିଥାନ୍ତି ।

**ଏବ୍ରୀ ୭:୨୫**
**ଅତଏବ, ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ ।**

## ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟକୁ ଗ୍ରହଣ କରିବା

ଈଶ୍ୱରଙ୍କ ହୃଦୟରେ ଏ ସମସ୍ତ ବିଷୟ ରହିଛି-
ଯାହା ହଜିଛି ତାହା ଖୋଜି ବାହାର କରିବା,
ଯାହା ନଷ୍ଟ ହୋଇଛି ତାକୁ ତା'ର ପୂର୍ବ ସ୍ଥିତିକୁ ଆଣିବା,
ଯାହା ଧ୍ୱଂସପ୍ରାପ୍ତ ତାକୁ ପୁନଃସ୍ଥାପିତ କରିବା,
ଯାହା ବନ୍ଧନ ମଧ୍ୟରେ ଅଛି ତାକୁ ମୁକ୍ତ କରିବା,
ଯାହା ଭୂମିସାତ୍ ହୋଇଛି ତାକୁ ପୁନଃନିର୍ମାଣ କରିବା,
ଯାହା ବିକୃତ ହୋଇଛି ତାକୁ ସୁନ୍ଦର କରିବା,
ଯାହା ଆଘାତପ୍ରାପ୍ତ ତାକୁ ସୁସ୍ଥ କରିବା,
ଯାହା ଜୀର୍ଣ୍ଣ ହୋଇଛି ତାକୁ ନୂତନୀକୃତ କରିବା,
ଯାହା ମୁମୂର୍ଷୁ ତାକୁ ଜାଗରିତ କରିବା,
ଯାହା ମୃତ ତାକୁ ପୁନର୍ଜୀବିତ କରିବା ।

ଈଶ୍ୱରଙ୍କ ହୃଦୟ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ । ଈଶ୍ୱର ଯାହା ଆରମ୍ଭ କରନ୍ତି ତାକୁ ସମ୍ପୂର୍ଣ୍ଣ ନ କରି ଅଧାରୁ ଛାଡ଼ି ଦିଅନ୍ତି ନାହିଁ । ମୂଲ୍ୟ ଯାହା ହେଉ ନା କାହିଁକି ସେ ପ୍ରେମ କରନ୍ତି ଓ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦିଅନ୍ତି । ତାହାଙ୍କ ସଦୃଶ ହେବା ପାଇଁ ଆମେ ଆହ୍ୱାନ ପାଇଛୁ । ଏଣୁ ଜୀବନର ବିଭିନ୍ନ ପରିସ୍ଥିତି ଓ ସମସ୍ୟାସବୁ ପ୍ରତି ଆମର ଆଭିମୁଖ୍ୟ ମୁକ୍ତିକାରୀ ହେବା ଆବଶ୍ୟକ । ଆମେମାନେ ଯେତେବେଳେ ଲୋକମାନଙ୍କୁ ଦେଖୁ, ଜୀବନର ପରିସ୍ଥିତିସବୁ ଦେଖୁ, ବିଗିଡ଼ି ଯାଇଥିବା ବିଷୟସବୁ ଦେଖୁ ଆମେ ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟରେ ସେସବୁକୁ ଦେଖିବା ଉଚିତ ।

ଯଦି ଆପଣଙ୍କର ଜଣେ ବନ୍ଧୁ ବା ଆପଣଙ୍କର ପରିଚିତ କୌଣସି ବ୍ୟକ୍ତି ତାଙ୍କ ଜୀବନକୁ ଏପରି ଗୋଳମାଳିଆ କରିଦେଇଛନ୍ତି ଯେ ଆଶାଶୂନ୍ୟ ପରିସ୍ଥିତି ସୃଷ୍ଟି ହୋଇଛି, ତେବେ ତାଙ୍କୁ ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟରେ ଦେଖନ୍ତୁ । ଆଶା ରହିଛି ।

ଯଦି ଆପଣଙ୍କର ପୁଅ ବା ଝିଅ ଅବାଟରେ ଚାଲିଯାଇଛି, ତାକୁ ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟରେ ଦେଖନ୍ତୁ । ଈଶ୍ୱର ତାକୁ ଫେରାଇ ଆଣିପାରିବେ ।

ଯଦି ଆପଣଙ୍କ ବିବାହରେ ଓ ଗୃହରେ ସମସ୍ୟା ସୃଷ୍ଟି ହୋଇଛି, ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟରେ ଏହାକୁ ଦେଖନ୍ତୁ । ଈଶ୍ୱର ଆପଣଙ୍କ ବିଳାପକୁ ନୃତ୍ୟରେ ପରିଣତ କରିବେ ।

ଯଦି ଆପଣଙ୍କର ଜୀବନ ବା ଆର୍ଥିକ ସ୍ଥିତି ବା ଚାକିରୀ ବା ଅନ୍ୟକିଛିରେ ଗୁରୁତର ସମସ୍ୟା ଦେଖାଦିଏ, ଆପଣଙ୍କ ପ୍ରତି ରହିଥିବା ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟ ଉପରେ ବିଶ୍ୱାସ ରଖନ୍ତୁ । ଈଶ୍ୱର ଲୋକମାନଙ୍କୁ ଦହଲା କାଦୁଅରୁ ବାହାର କରି ଆଣି ସେମାନଙ୍କୁ ଶୈଳ ଉପରେ ରଖନ୍ତି ।

ଯଦି ଆପଣଙ୍କର କୌଣସି ସ୍ୱପ୍ନ ଆପଣଙ୍କ ଆଖି ଆଗରେ ଧ୍ୱଂସ ପାଇଗଲା, ଈଶ୍ୱର ତଥାପି ଆପଣଙ୍କର ମୁକ୍ତିକର୍ତ୍ତା । ସେ ମୃତମାନଙ୍କୁ ପୁନର୍ଜୀବିତ କରିପାରନ୍ତି ।

## ବ୍ୟକ୍ତିଗତ ପ୍ରୟୋଗ

୧. ମୋ ଜୀବନରେ କ'ଣ ଏପରି ଲୋକମାନେ ଅଛନ୍ତି ବା ପରିସ୍ଥିତିସବୁ ରହିଛି ଯାହାକୁ ମୁଁ ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟରେ ଦେଖିବା ଉଚିତ ?

୨. ଉପରୋକ୍ତ ବ୍ୟକ୍ତିମାନଙ୍କୁ ଓ ପରିସ୍ଥିତିସବୁକୁ ମୁକ୍ତ କରିବା ନିମନ୍ତେ ମୁଁ ଈଶ୍ୱରଙ୍କ ମୁକ୍ତିକାରୀ ଶକ୍ତିରେ ବିଶ୍ୱାସ କରେ କି ?

# ୨

# ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟର ପ୍ରକୃତି

ଗୀତସଂହିତା ୧୦୩ ପର୍ବ ଅତି ସୁପରିଚିତ ଗୀତ । ଈଶ୍ୱର ଆମମାନଙ୍କୁ ଯେଉଁସବୁ ମଙ୍ଗଳଦାନ ଦିଅନ୍ତି ସେଥିରୁ ବିନାଶରୁ ଆମ ଜୀବନ ମୁକ୍ତ କରିବା ଅନ୍ୟତମ ।

**ଗୀତସଂହିତା ୧୦୩:୧-୬**
**୧ ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାନ କର; ହେ ମୋହର ଅନ୍ତରସ୍ଥସମସ୍ତ, ତାହାଙ୍କ ପବିତ୍ର ନାମର ଧନ୍ୟବାଦ କର ।**
**୨ ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର ଓ ତାହାଙ୍କର ମଙ୍ଗଳଦାନସବୁ ପାସୋର ନାହିଁ;**
**୩ ସେ ତୁମ୍ଭର ଅଧର୍ମସବୁ କ୍ଷମା କରନ୍ତି; ସେ ତୁମ୍ଭର ରୋଗସବୁ ସୁସ୍ଥ କରନ୍ତି;**
**୪ ସେ ବିନାଶରୁ ତୁମ୍ଭ ଜୀବନ ମୁକ୍ତ କରନ୍ତି; ସେ ସ୍ନେହପୂର୍ଣ୍ଣ କରୁଣା ଓ ଦୟାରୂପ ମୁକୁଟରେ ତୁମ୍ଭକୁ ଭୂଷିତ କରନ୍ତି;**
**୫ ସେ ଉତ୍ତମ ବସ୍ତୁରେ ତୁମ୍ଭର ମୁଖ ତୃପ୍ତ କରନ୍ତି; ତହୁଁ ଉତ୍କ୍ରୋଶ ପକ୍ଷୀ ନ୍ୟାୟ ତୁମ୍ଭର ନୂତନ ଯୌବନ ହୁଏ ।**
**୬ ସଦାପ୍ରଭୁ ଧର୍ମକର୍ମ ସାଧନ କରନ୍ତି ଓ ଉପଦ୍ରବଗ୍ରସ୍ତ ସମସ୍ତଙ୍କ ପକ୍ଷରେ ସୁବିଚାର ନିଷ୍ପତ୍ତି କରନ୍ତି ।**

ଆମର ମୁକ୍ତିକର୍ତ୍ତା ଈଶ୍ୱରଙ୍କ ବିଷୟରେ ଆମେ ନିମ୍ନ କେତେକ ଘୋଷଣା କରିପାରୁ ।

- ମୋର ମୁକ୍ତିକର୍ତ୍ତା ଜୀବିତ ଅଟନ୍ତି (ଆୟୁବ ୧୯:୨୫) ।
- ମୋର ମୁକ୍ତିଦାତା ସଦାପ୍ରଭୁ, ଈଶ୍ରାଏଲର ରାଜା, ଆଦି ଓ ଅନ୍ତ (ଯିଶାଇୟ ୪୪:୬) ।
- ମୋର ମୁକ୍ତିଦାତା ସମୁଦାୟ ପୃଥିବୀର ପରମେଶ୍ୱର (ଯିଶାଇୟ ୫୪:୫) ।
- ମୋର ମୁକ୍ତିଦାତାଙ୍କ ହସ୍ତରେ ସମୁଦାୟ ପୃଥିବୀ ରହିଛି (ଯିଶାଇୟ ୪୪:୨୪) ।

- ମୋର ମୁକ୍ତିକର୍ତ୍ତା ବଳବାନ୍; ସୈନ୍ୟାଧିପତି ସଦାପ୍ରଭୁ ତାହାଙ୍କ ନାମ (ଯିରିମିୟ ୫୦:୩୪) ।
- ମୋର ମୁକ୍ତିଦାତା ମୋର ପିତା; ଅନନ୍ତକାଳୀନ ଈଶ୍ୱର (ଯିଶାଇୟ ୬୩:୧୬) ।
- ମୋର ମୁକ୍ତିକର୍ତ୍ତା ସର୍ବୋପରିସ୍ଥ ପରମେଶ୍ୱର ଓ ମୋର ଶୈଳ (ଗୀତସଂହିତା ୭୮:୩୫) ।
- ମୋର ମୁକ୍ତିଦାତା ମୋ ପ୍ରତି କରୁଣା କରନ୍ତି ଓ ଅନନ୍ତକାଳସ୍ଥାୟୀ ଦୟା ପ୍ରକାଶ କରନ୍ତି (ଯିଶାଇୟ ୫୪:୮) ।
- ମୋର ମୁକ୍ତିକର୍ତ୍ତା ଇଶ୍ରାଏଲର ଧର୍ମସ୍ୱରୂପ ଓ ମୋର ସାହାଯ୍ୟକାରୀ (ଯିଶାଇୟ ୪୧:୧୪) ।
- ମୋର ମୁକ୍ତିଦାତା ବଳବାନ୍, ସେ ମୋର ବିବାଦର ପ୍ରତିବାଦ କରିବେ (ହିତୋପଦେଶ ୨୩:୧୧; ଯିରିମିୟ ୫୦:୩୪) ।
- ମୋର ମୁକ୍ତିକର୍ତ୍ତା ମୋତେ ଉପକାରଜନକ ଶିକ୍ଷା ଦିଅନ୍ତି ଓ ମୋର ଗନ୍ତବ୍ୟ ପଥରେ ମୋତେ ଗମନ କରାନ୍ତି (ଯିଶାଇୟ ୪୮:୧୭) ।
- ମୋର ମୁକ୍ତିଦାତା ମୋର ସପକ୍ଷରେ ବିଭିନ୍ନ ବିଷୟକୁ ପରିବର୍ତ୍ତନ କରନ୍ତି ଓ ଅନପେକ୍ଷିତ ବିଷୟମାନ ଘଟିବାକୁ ଦିଅନ୍ତି (ଯିଶାଇୟ ୪୯:୨୬; ୬୦:୧୬) ।

ଈଶ୍ୱର ମୋର ମୁକ୍ତିକର୍ତ୍ତା । ଏହି ଅଧ୍ୟାୟରେ ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟର ପ୍ରକୃତି ସମ୍ପର୍କିତ କିଛି ଅନ୍ତର୍ଦୃଷ୍ଟି ଆମେ ଲାଭ କରିବା- ବିଶେଷ କରି ଏଥିରେ କ'ଣ ରହିଛି ଏବଂ ଈଶ୍ୱର କିପରି ତାଙ୍କର ମୁକ୍ତିକାରୀ କାର୍ଯ୍ୟକୁ ସମ୍ପାଦନ କରିଥାନ୍ତି, ଦେଖିବା ।

### ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଏକ ନିରବଚ୍ଛିନ୍ନ, ନଛୋଡ଼ବନ୍ଧା, ସୀମାହୀନ ପ୍ରେମ ଦ୍ୱାରା ଚାଳିତ

ପୁରାତନ ନିୟମରେ ଆମେ ଦେଖୁ ଯେ ଈଶ୍ୱରଙ୍କ ଲୋକମାନେ ବାରମ୍ବାର ଈଶ୍ୱରଙ୍କଠାରୁ ବିମୁଖ ହୋଇ ଦୂରକୁ ଚାଲିଯାଉଥିଲେ, ତଥାପି ଈଶ୍ୱର ସେମାନଙ୍କୁ ଆପଣା ନିକଟକୁ

ଫେରାଇ ଆଣିବାକୁ ବିଭିନ୍ନ ମାର୍ଗରେ ବାରମ୍ବାର ପ୍ରଚେଷ୍ଟା କରୁଥିଲେ । ବେଳେବେଳେ ଈଶ୍ୱର ଭାବବାଦୀମାନଙ୍କ ଦ୍ୱାରା ସେମାନଙ୍କୁ ଚେତାବନୀ ଦେଉଥିଲେ, ସେମାନଙ୍କୁ ସଂଶୋଧନ କରୁଥିଲେ ଓ ବିପଥଗମନରୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିଲେ । ବିଭିନ୍ନ ସମୟରେ ଈଶ୍ୱର ସେମାନଙ୍କୁ ବନ୍ଦୀତ୍ୱରେ ଛାଡ଼ି ଦେଉଥିଲେ ବା ଅନେକ କଠିନତା ମଧ୍ୟ ଦେଇ ନେଉଥିଲେ ଯେପରି କି ସେମାନେ ଫେରି ଆସିବେ । ତେବେ ସବୁକ୍ଷେତ୍ରରେ ଆମେ ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟକୁ ଦେଖିଥାଉ ଯାହା ତାହାଙ୍କ ଲୋକଙ୍କ ପ୍ରତି ପ୍ରେମରେ ଚାଳିତ ହେଉଥିଲା । ଆମେ ନିମ୍ନ ଦୁଇଟି ଶାସ୍ତ୍ରାଂଶକୁ ନେଇ ଏହା ବିଚାର କରିବା ।

**ଯିରିମିୟ ୩୧ :୧-୪**

**୧ ସଦାପ୍ରଭୁ କହନ୍ତି, ସେ ସମୟରେ ଆମ୍ଭେ ଇସ୍ରାଏଲର ସମୁଦାୟ ଗୋଷ୍ଠୀର ପରମେଶ୍ୱର ହେବା ଓ ସେମାନେ ଆମ୍ଭର ଲୋକ ହେବେ ।**

**୨ ସଦାପ୍ରଭୁ ଏହି କଥା କହନ୍ତି, ଖଡ଼୍‌ଗରୁ ରକ୍ଷାପ୍ରାପ୍ତ ଲୋକମାନେ ପ୍ରାନ୍ତରରେ ଅନୁଗ୍ରହ ପ୍ରାପ୍ତ ହେଲେ, ଅର୍ଥାତ୍‌, ଆମ୍ଭେ ତାହାକୁ ବିଶ୍ରାମ ଦେବା ପାଇଁ ଗମନ କଲା ବେଳେ ଇସ୍ରାଏଲ ତାହା ପ୍ରାପ୍ତ ହେଲା ।**

**୩ ସଦାପ୍ରଭୁ ପୁରାତନ କାଳରେ ମୋତେ ଦର୍ଶନ ଦେଇ କହିଲେ, ହଁ, ଆମ୍ଭେ ଚିରସ୍ଥାୟୀ ପ୍ରେମରେ ତୁମ୍ଭକୁ ପ୍ରେମ କରି ଆସିଅଛୁ; ଏହେତୁ ସ୍ନେହପୂର୍ଣ୍ଣ କରୁଣାରେ ଆମ୍ଭେ ତୁମ୍ଭକୁ ଆକର୍ଷଣ କରିଅଛୁ ।**

**୪ ହେ ଇସ୍ରାଏଲ କୁମାରୀ, ଆମ୍ଭେ ତୁମ୍ଭକୁ ପୁନର୍ବାର ଗଢ଼ିବା ଓ ତୁମ୍ଭେ ଗଢ଼ାଯିବ; ତୁମ୍ଭେ ପୁନର୍ବାର ଆପଣା ତବଲରେ ବିଭୂଷିତା ହେବ ଓ ଆନନ୍ଦକାରୀମାନଙ୍କ ସଙ୍ଗେ ନୃତ୍ୟ କରି ଗମନ କରିବ ।**

ଯଦିବା ଈଶ୍ୱର ଭାବବାଦୀ ଯିରିମିୟଙ୍କ ଦ୍ୱାରା ଆଗାମୀ ଗୁରୁତର ବିପଦ ଓ ବାବିଲୋନୀୟମାନଙ୍କ ହସ୍ତରେ ସେମାନଙ୍କୁ ବନ୍ଦୀ କରି ନିଆଯିବା ବିଷୟରେ ତାଙ୍କ ଲୋକମାନଙ୍କୁ ସତର୍କ କରି ଦେଉଥିଲେ, ଈଶ୍ୱର ତଥାପି ସେମାନଙ୍କ ପ୍ରତି ଥିବା ତାଙ୍କ ପ୍ରେମ ବିଷୟରେ ନିଶ୍ଚିତତା ଦେଇ କହିଥିଲେ । ଯେଉଁମାନେ ପ୍ରାନ୍ତରରେ ଅନୁଗ୍ରହ ପ୍ରାପ୍ତ ହେଲେ ସେମାନଙ୍କ ବିଷୟରେ ସେ କହନ୍ତି ଯେ ସେ ତାଙ୍କ ଲୋକମାନଙ୍କୁ ଚିରସ୍ଥାୟୀ ପ୍ରେମରେ ପ୍ରେମ କରନ୍ତି, ଏବଂ ସେମାନଙ୍କୁ ପୁନର୍ବାର ଗଢ଼ିବେ ଓ ନୂତନୀକରଣ କରିବେ ବୋଲି ସେ ନିଶ୍ଚିତତା ଦେଇ ପ୍ରକାଶ କରନ୍ତି ।

**ହୋଶେୟ ୧୪ :୧-୭**

**୧ ହେ ଇସ୍ରାଏଲ, ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ନିକଟକୁ ଫେରି ଆସ; କାରଣ ତୁମ୍ଭେ ଆପଣା ଅଧର୍ମରେ ପତିତ ହୋଇଅଛ ।**

୨ ତୁମ୍ଭେମାନେ ବାକ୍ୟ ସଙ୍ଗରେ ଘେନି ସଦାପ୍ରଭୁଙ୍କ ନିକଟକୁ ଫେରି ଆସ; ତାହାଙ୍କୁ କୁହ, ଅଧର୍ମସକଳ
ହରଣ କର ଓ ଯାହା ଉତ୍ତମ, ତାହା ଗ୍ରହଣ କର; ତହିଁରେ ଆମ୍ଭେମାନେ ଆପଣା ଓଷ୍ଠାଧରର
ଉପହାର ବୃଷ ରୂପରେ ଉତ୍ସର୍ଗ କରିବା ।
୩ ଅଶୂର ଆମ୍ଭମାନଙ୍କର ପରିତ୍ରାଣ କରିବ ନାହିଁ; ଆମ୍ଭେମାନେ ଅଶ୍ୱାରୋହଣ କରିବା ନାହିଁ; କିଅବା
ତୁମ୍ଭେମାନେ ଆମ୍ଭମାନଙ୍କର ଦେବଗଣ ବୋଲି ଆପଣାମାନଙ୍କ ହସ୍ତକୃତ ବସ୍ତୁକୁ ଆଉ କହିବା ନାହିଁ;
କାରଣ ପିତୃହୀନ ତୁମ୍ଭ ନିକଟରେ ଦୟାପ୍ରାପ୍ତ ହୁଏ ।
୪ ଆମ୍ଭେ ସେମାନଙ୍କ ବିପଥଗମନର ପ୍ରତିକାର କରିବା, ଆମ୍ଭେ ସ୍ୱଚ୍ଛନ୍ଦରେ ସେମାନଙ୍କୁ ପ୍ରେମ କରିବା;
କାରଣ ଆମ୍ଭ କ୍ରୋଧ ତାହାଠାରୁ ନିବୃତ୍ତ ହୋଇଅଛି ।
୫ ଆମ୍ଭେ ଇସ୍ରାଏଲ ପକ୍ଷରେ କାକର ତୁଲ୍ୟ ହେବା; ସେ ଶୋଶନ୍ ପୁଷ୍ପ ତୁଲ୍ୟ ଫୁଟିବ ଓ ଲିବାନୋନ୍‌ର
ତୁଲ୍ୟ ମୂଳ ବାନ୍ଧିବ ।
୬ ତାହାର ଶାଖାସବୁ ବିସ୍ତାରିତ ହେବ ଓ ତାହାର ଶୋଭା ଜୀବବୃକ୍ଷ ତୁଲ୍ୟ ଓ ତାହାର ସୁବାସ
ଲିବାନୋନ୍ ପରି ହେବ ।
୭ ତାହାର ଛାୟା ତଳେ ବାସକାରୀମାନେ ଫେରି ଆସିବେ; ସେମାନେ ଶସ୍ୟ ପରି ସଂଜୀବିତ
ହେବେ ଓ ଦ୍ରାକ୍ଷାଲତା ପରି ପ୍ରସ୍ଫୁଟିତ ହେବେ; ତହିଁର ସୁବାସ ଲିବାନୋନ୍‌ର ଦ୍ରାକ୍ଷାରସ ତୁଲ୍ୟ
ହେବ ।

ଇଶ୍ରାଏଲ ଜାତି ଉନ୍ନତି ପଥରେ ଥିଲେ, ଅଥଚ ଆତ୍ମିକ ଭାବରେ ବିପଥଗାମୀ ଥିଲେ ଏବଂ ଈଶ୍ୱରଙ୍କଠାରୁ ଦୂରେଇ ଯାଇଥିଲେ । ଏପରି ଏକ ସମୟରେ ହୋଶେୟ ଭାବବାଣୀ ପ୍ରଚାର କରିଥିଲେ । ହୋଶେୟ ତାଙ୍କର ସମ୍ବାଦରେ ପ୍ରକାଶ କରନ୍ତି ଯେ ଈଶ୍ୱର ତାଙ୍କ ଲୋକମାନଙ୍କୁ ତାଙ୍କ ନିକଟକୁ ଫେରି ଆସିବାକୁ ଆମନ୍ତ୍ରଣ କରନ୍ତି । ସେ ସେମାନଙ୍କୁ ନିଶ୍ଚିତତା ଦେଇ କହନ୍ତି ଯେ ସେ ସେମାନଙ୍କୁ ସ୍ୱଚ୍ଛନ୍ଦରେ ପ୍ରେମ କରନ୍ତି; ସେ ସେମାନଙ୍କର ବିପଥଗମନର ପ୍ରତିକାର କରିବେ ଓ ସେମାନଙ୍କୁ ପୁନଃସ୍ଥାପିତ କରିବେ ।

ମୁକ୍ତିର ମହାଯୋଜନା ଈଶ୍ୱରଙ୍କ ନଛୋଡ଼ବନ୍ଧା ପ୍ରେମ ଦ୍ୱାରା ଚାଳିତ ।

ରୋମୀୟ ୫:୮
**କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।**

ତାଙ୍କର ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ ହିଁ ସେମାନଙ୍କୁ ମୁକ୍ତ, ପୁନଃସ୍ଥାପିତ, ପୁନଃଗଠନ ଓ ଜାଗରିତ କରିବାର ମୁଖ୍ୟ କାରଣ । ସେ ଚିରସ୍ଥାୟୀ ପ୍ରେମରେ ପ୍ରେମ କରନ୍ତି । ସେ ସ୍ୱଚ୍ଛନ୍ଦରେ ପ୍ରେମ କରନ୍ତି । ଆମ ପ୍ରତି ଈଶ୍ୱରଙ୍କ ପ୍ରେମରେ ସୁରକ୍ଷିତ ରହିବା ବିଷୟ ଆମେ

ଶିକ୍ଷା କରିବା ଆବଶ୍ୟକ। ଅନେକ ସମୟରେ ଆମର ଭୁଲ କାର୍ଯ୍ୟ ହେତୁ ଆମେ ବିଷମ ପରିସ୍ଥିତିରେ ପଡ଼ି ଯାଇଥାଉ। ଆମେ ବିପଥଗାମୀ ହୋଇ ଈଶ୍ୱରଙ୍କଠାରୁ ଦୂରେଇ ଚାଲିଗଲୁ। ଆମେ ବିଦ୍ରୋହୀ ହୋଇ ପାପରେ ଜୀବନ କାଟିଲୁ। ଆମେ ଆମ ଜୀବନକୁ ନଷ୍ଟ କରିଦେଲୁ। କିନ୍ତୁ ବର୍ତ୍ତମାନ ଆମେ ଈଶ୍ୱରଙ୍କ ନିକଟକୁ ଫେରି ଆମକୁ ଆମର ଖରାପ ଅବସ୍ଥାରୁ ମୁକ୍ତ କରିବାକୁ ତାଙ୍କ ଆଡ଼କୁ ଅନାଇଥାଉ, କାରଣ ଆମେ ଜାଣୁ ଯେ ସେ ଆମକୁ ତଥାପି ପ୍ରେମ କରନ୍ତି। ଆମେ ନିଜକୁ ଯେତେ ଗୋଳମାଳିଆ କରିଦେଇଥିଲେ ସୁଦ୍ଧା ଏବଂ ବିଷୟସବୁ ଯେତେ ଗୁରୁତର ହୋଇଥିଲେ ମଧ୍ୟ ସେ ଆମକୁ ପ୍ରେମ କରନ୍ତି। ସେ ଯେହେତୁ ଆମକୁ ପ୍ରେମ କରନ୍ତି, ସେ ଆମକୁ ମୁକ୍ତ କରିବେ।

**ବିଳାପ ୩:୨୨-୨୫**

**୨୨ ସଦାପ୍ରଭୁଙ୍କର ବିବିଧ ଦୟା ସକାଶୁ ଆମ୍ଭେମାନେ ବିନଷ୍ଟ ହୋଇ ନାହୁଁ, କାରଣ ତାହାଙ୍କର କରୁଣା ଶେଷ ହୁଏ ନାହିଁ।**
**୨୩ ସେସବୁ ପ୍ରତି ପ୍ରଭାତରେ ନୂତନ, ତୁମ୍ଭର ବିଶ୍ୱସ୍ତତା ମହତ୍।**
**୨୪ ମୋର ପ୍ରାଣ କୁହେ, ସଦାପ୍ରଭୁ ମୋହର ବାଣ୍ଟସ୍ୱରୂପ; ଏଥିପାଇଁ ମୁଁ ତାହାଙ୍କଠାରେ ଭରସା ରଖିବି।**
**୨୫ ଯେଉଁମାନେ ସଦାପ୍ରଭୁଙ୍କ ପାଇଁ ଅପେକ୍ଷା କରନ୍ତି, ଯେଉଁ ପ୍ରାଣ ତାହାଙ୍କର ଅନ୍ୱେଷଣ କରେ, ତାହା ପ୍ରତି ସେ ମଙ୍ଗଳମୟ ଅଟନ୍ତି।**

ସେହିପରି, ଈଶ୍ୱରଙ୍କର ସହିତ ମିଶି ଆମ ଚାରିପାଖରେ ଥିବା ଲୋକମାନଙ୍କ ଜୀବନରେ ତାହାଙ୍କର ମୁକ୍ତିକାରୀ କାର୍ଯ୍ୟ କଲେ, ଆମେ ଈଶ୍ୱରଙ୍କ ସଦୃଶ ପ୍ରେମରେ ଆଚରଣ କରିବା ବିଷୟ ଶିକ୍ଷା କରିବା ଉଚିତ। ଆମେ ସେମାନଙ୍କ ନିକଟରେ ଈଶ୍ୱରଙ୍କର ନିଃସର୍ତ୍ତ, ଚିରସ୍ଥାୟୀ, ସ୍ୱଚ୍ଛନ୍ଦ ପ୍ରେମ ପ୍ରକାଶ କରି କାର୍ଯ୍ୟ କରିବାକୁ ହେବ। ଅବଶ୍ୟ ଏହା ଆମେ ନିଜ ଚେଷ୍ଟାରେ କରି ନ ପାରୁ। ପବିତ୍ର ଆତ୍ମା ଆମକୁ ଶକ୍ତିଯୁକ୍ତ କରିଥାନ୍ତି ଯେପରି ଆମେ ଈଶ୍ୱରଙ୍କର ପ୍ରେମରେ ଆଚରଣ କରିବା (ରୋମୀୟ ୫:୫; ଗାଲାତୀୟ ୫:୨୨)। ଆମ ଚାରିପାଖରେ ଥିବା ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ଦେଖିବା ପାଇଁ ଆମେ ଶ୍ରମ କରୁଥିବା ସମୟରେ ଏହି ପ୍ରକାର ପ୍ରେମ ଆମ ହୃଦୟରେ କ୍ଷମାଗୁଣ ଉତ୍ପନ୍ନ କରେ, ଧୈର୍ଯ୍ୟଶୀଳ କରାଏ, ଦୟାଶୀଳ କରାଏ (୧କରିନ୍ଥୀୟ ୧୩:୪-୮)।

## **ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଅଲୌକିକ, କିନ୍ତୁ ଆମେ ତାଙ୍କ ସହିତ ମିଶି ଶ୍ରମ କରିବା ଆବଶ୍ୟକ**

ଈଶ୍ୱର ସର୍ବଶକ୍ତିମାନ, ଏବଂ ତାଙ୍କ ନିମନ୍ତେ କୌଣସି ବିଷୟ ଅସମ୍ଭବ ନୁହେଁ । ସେ ସବୁଠୁ ନିରାଶାଜନକ ପରିସ୍ଥିତିକୁ ମଧ୍ୟ ପରିବର୍ତ୍ତନ କରିପାରନ୍ତି । ଯାହା ସମ୍ପୂର୍ଣ୍ଣରୂପେ ଧ୍ୱଂସ ପାଇଯାଇଛି ତାକୁ ସେ ପୁନଃସ୍ଥାପିତ ଓ ପୁନଃନିର୍ମିତ କରିବାକୁ ସକ୍ଷମ ଅଟନ୍ତି । ଆମର ଯେ କୌଣସି ମସ୍ତବଡ଼ ଭୁଲ ଅପେକ୍ଷା ସେ ମହାନ୍ ଅଟନ୍ତି । ସେ ସମୟ ଅପେକ୍ଷା ମହାନ୍ । ଆମେ ସମୟ ନଷ୍ଟ କରି ଦେଇଥାଇପାରୁ, କିନ୍ତୁ ସେ ସେହି ନଷ୍ଟ ସମୟକୁ ପୁନରୁଦ୍ଧାର କରିବାରେ ଆମକୁ ସାହାଯ୍ୟ କରିବେ । ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟରେ, ତାହାଙ୍କର ଅଲୌକିକ ଶକ୍ତି ହିଁ ବିଭିନ୍ନ ବିଷୟକୁ ପରିବର୍ତ୍ତନ କରିଥାଏ । ଈଶ୍ୱର ଆମକୁ ଓ ଆମର ପରିସ୍ଥିତିସବୁକୁ ମୁକ୍ତ କରିବାକୁ ଆମ ନିକଟରେ ପହଞ୍ଚନ୍ତି, କିନ୍ତୁ ଆମେ ଉତ୍ତର ଦେବାକୁ ହେବ ଓ ଆମ ଜୀବନରେ ତାଙ୍କର ମୁକ୍ତିକାରୀ କାର୍ଯ୍ୟକୁ ଗ୍ରହଣ କରିବା ପାଇଁ ତାଙ୍କ ସଙ୍ଗେ ମିଶି କାର୍ଯ୍ୟ କରିବାକୁ ହେବ । ଉଦାହରଣ ସ୍ୱରୂପ, ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଦ୍ୱାରା ଆମ ଜୀବନର ବିଭିନ୍ନ କ୍ଷେତ୍ରକୁ ମୁକ୍ତିପ୍ରାପ୍ତ ଓ ପୁନଃସ୍ଥାପିତ ଦେଖିବାକୁ ହେଲେ ଆମକୁ ଅନୁତପ୍ତ ହୋଇ ବିଶ୍ୱାସସ୍ଥାପନ କରି ଧୈର୍ଯ୍ୟରେ ଚାଲିବାକୁ ହେବ ।

### *ଅନୁତାପ*

ଅନୁତାପର ଅର୍ଥ ମନ ପରିବର୍ତ୍ତନ କରିବା । ପୂର୍ବରୁ ମୁଁ ଯେପରି ଭାବେ ଚିନ୍ତା କରୁଥିଲି, ବର୍ତ୍ତମାନ ମୋର ଚିନ୍ତାଧାରା ତା'ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଏହି ପରିବର୍ତ୍ତନ ପୂର୍ବ ଚିନ୍ତାଧାରାର ସମ୍ପୂର୍ଣ୍ଣ ବିପରୀତ ଅଟେ । ଅନୁତାପ କହିଲେ ଏପରି ଏକ ମନ ପରିବର୍ତ୍ତନ ଯାହା ପୂର୍ବ ଜୀବନର ମାର୍ଗରୁ ସମ୍ପୂର୍ଣ୍ଣ ପରିବର୍ତ୍ତିତ ମାର୍ଗ ଅଟେ । ଏହି ପରିବର୍ତ୍ତିତ ଚିନ୍ତାଧାରା ଆମର ପୂର୍ବ ଚିନ୍ତାଧାରାରେ ଚାଳିତ କାର୍ଯ୍ୟଶୈଳୀରେ, ପ୍ରତିକ୍ରିୟାସବୁରେ, କଥାବାର୍ତ୍ତାରେ ଓ ଅଭ୍ୟାସସବୁରେ ଦେଖାଯିବ ।

ଈଶ୍ୱର ତାଙ୍କର ଉତ୍ତମତା ଦ୍ୱାରା ଆମକୁ ମନ ପରିବର୍ତ୍ତନ କରିବା ନିମନ୍ତେ ଆକର୍ଷଣ କରନ୍ତି ।

ରୋମୀୟ ୨:୪
**କିମ୍ବା ଈଶ୍ୱରଙ୍କ କୃପା ଯେ ତୁମ୍ଭକୁ ମନପରିବର୍ତ୍ତନ ଆଡ଼କୁ ଘେନିଯିବାକୁ ଚେଷ୍ଟା କରେ, ଏହା ନ ଜାଣି ତୁମ୍ଭେ କି ତାହାଙ୍କର କୃପା, ଧୈର୍ଯ୍ୟ ଓ ଚିରସହିଷ୍ଣୁତାରୂପ ଧନସବୁ ତୁଚ୍ଛ କରୁଅଛ ?**

ଅନୁତାପ କରିବାକୁ ଆମର ଅନିଚ୍ଛା ଏବଂ ଅନୁତାପ କରିବା ପରେ ପରିବର୍ତ୍ତିତ ବ୍ୟକ୍ତି ଭାବରେ ଆଚରଣ ନ କରିବା ଦ୍ୱାରା ଈଶ୍ୱରଙ୍କର ଅଲୌକିକ ମୁକ୍ତିକାରୀ କାର୍ଯ୍ୟକୁ ଆମେ ଅନୁଭବ କରିପାରି ନ ଥାଉ ।

### *ବିଶ୍ୱାସ*

ଆମମାନଙ୍କୁ ମୁକ୍ତି କରିବା ପାଇଁ ସେ ଯାହା କରିପାରନ୍ତି ସେଥିପ୍ରତି ଆମର ବିଶ୍ୱାସ ରହିଥିବା ଆବଶ୍ୟକ । ପରିସ୍ଥିତିର ଗମ୍ଭୀରତା, ନିରାଶା ଓ ଆଶାହୀନତା ଯେତେ ବାସ୍ତବ ହେଲେ ମଧ୍ୟ ଆମ ମୁକ୍ତିକର୍ତ୍ତାଙ୍କ ପ୍ରତି ଥିବା ଆମର ବିଶ୍ୱାସକୁ ଦୁର୍ବଳ କରିଦେବା ଅନୁଚିତ । ଆମର ପରିସ୍ଥିତିର ଜଟିଳତା ଓ ଗୁରୁତର ଅବସ୍ଥାଠାରୁ ଈଶ୍ୱର ମହାନ୍ ଅଟନ୍ତି । ଆମେ ନଷ୍ଟ କରି ଦେଇଥିବା ସମୟ ଅପେକ୍ଷା ଈଶ୍ୱର ମହାନ୍ ଅଟନ୍ତି, ସେ ସମୟକୁ ପୁନଃସ୍ଥାପିତ କରିପାରନ୍ତି ।

**ଗୀତସଂହିତା ୨୭:୧୩**
**ମୁଁ ଜୀବିତମାନଙ୍କ ଦେଶରେ ସଦାପ୍ରଭୁଙ୍କର ମଙ୍ଗଳଭାବ ଦେଖିବାକୁ ବିଶ୍ୱାସ କରି ନ ଥିଲେ, ମୂର୍ଚ୍ଛିତ ହୋଇଥା'ନ୍ତି ।**

ଆମ ଜୀବନରେ ଈଶ୍ୱର ଯେଉଁ ମୁକ୍ତିକାରୀ କାର୍ଯ୍ୟ ସାଧନ କରିବାକୁ ଚାହାନ୍ତି ତାହା ସମ୍ପୂର୍ଣ୍ଣ ହେବା ନିମନ୍ତେ ଆମେ ବିଶ୍ୱାସରେ ଯାତ୍ରା କରିଥାଉ । ବିଶ୍ୱାସ ନିଷ୍କ୍ରିୟତା ନୁହେଁ । ବିଶ୍ୱାସ ଅତତ୍ପର ଅବସ୍ଥା ନୁହେଁ । ବିଭିନ୍ନ ବିଷୟ ମୁକ୍ତି ଓ ପୁନଃସ୍ଥାପିତ ହେବା ଦେଖିବା ନିମନ୍ତେ ଈଶ୍ୱର ଆମଠାରୁ ଯେଉଁସବୁ କାର୍ଯ୍ୟ ଅପେକ୍ଷା କରନ୍ତି ତାହା ଆମେ କରିବା ହିଁ ବିଶ୍ୱାସ । ଉଦାହରଣ ସ୍ୱରୂପ, ଆମର ଆର୍ଥିକ ଅବସ୍ଥା ଯଦି ଶୋଚନୀୟ, ଅନେକ ଋଣ କରି ପକାଇଛୁ ଓ ଅନେକ ଅପ୍ରୀତିକର ଅବସ୍ଥାରେ ବହୁତ କିଛି ହରାଇ ବସିଛୁ, ଆମେ ଈଶ୍ୱରଙ୍କ ଆଡ଼କୁ ଅନାଇଥାଉ । ସେ ଆମକୁ ଆମର ସବୁ ଦୁର୍ଦ୍ଦଶାରୁ ମୁକ୍ତ କରିପାରନ୍ତି । ତାଙ୍କର ମୁକ୍ତିକାରୀ କାର୍ଯ୍ୟ ହେତୁ ବିଶ୍ୱାସରେ ଆମେ ଦେଖିଥାଉ ଯେ ଆମେ ସମ୍ପୂର୍ଣ୍ଣରୂପେ ଆମର ସମସ୍ତ ଆର୍ଥିକ ଦୂରାବସ୍ଥାରୁ ମୁକ୍ତ ହୋଇଛୁ । ଏହାପରେ ଯାହା ଆମେ କରିବା ଆବଶ୍ୟକ ଧୀରେ ଧୀରେ ତାହା କରିବା ଆରମ୍ଭ କରିଥାଉ । ହୁଏତ ଏଥିରୁ ମୁକୁଳିବା ପାଇଁ ଈଶ୍ୱର ଆମକୁ ଏକ ଚାକିରୀ ଯୋଗାଇ ଦିଅନ୍ତୁ ବୋଲି ଆମେ ବିଶ୍ୱାସ କରିପାରୁ । ଆମେ ରୋଜଗାର କରିବା ଆରମ୍ଭ କରୁ ଏବଂ ଋଣ ଶୁଝିବାକୁ ଲାଗୁ । ଏହାପରେ ଆମେ ଦେଖୁ ଯେ ଈଶ୍ୱରଙ୍କ ଆଶୀର୍ବାଦର ହସ୍ତ ଆମକୁ ପ୍ରଚୁରତା ଆଡ଼କୁ ଉତ୍ତୋଳିତ କରିଛି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଆମେ ତାଙ୍କୁ ବିଶ୍ୱାସରେ ଅନାଇଥାଉ ଓ ଆମ ଆର୍ଥିକ ସ୍ଥିତିର ସମ୍ପୂର୍ଣ୍ଣ ମୁକ୍ତିର କାର୍ଯ୍ୟକୁ ଦେଖିଥାଉ ।

ଦାଉଦ ଯୁଦ୍ଧରେ ବ୍ୟସ୍ତ ରହି ସିକ୍ଲଗ୍ ନଗରକୁ ଫେରି ଆସିବା ବେଳେ ଦେଖିଲେ ଯେ ଅମାଲେକୀୟମାନେ ସିକ୍ଲଗ୍ ଆକ୍ରମଣ କରି ଦାଉଦଙ୍କର ସ୍ତ୍ରୀ ଓ ତାଙ୍କ ଲୋକମାନଙ୍କର ସ୍ତ୍ରୀମାନଙ୍କୁ ବନ୍ଦୀ କରି ନେଇ ଯାଇଛନ୍ତି (୧ଶାମୁଏଲ ୩୦:୧-୨) । ଦାଉଦ ପ୍ରଭୁଙ୍କଠାରେ ଆପଣାକୁ ସବଳ କଲେ, ପ୍ରାର୍ଥନା କଲେ ଓ ପ୍ରଭୁଙ୍କ ମନ ଜାଣିବାକୁ ଚାହିଁଲେ । ଈଶ୍ୱର ଦାଉଦଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ଅମାଲେକୀୟମାନଙ୍କ ପଛରେ ଗୋଡ଼ାନ୍ତୁ । ସେ ମଧ୍ୟ ପ୍ରତିଜ୍ଞା କଲେ ଯେ ସେ ସବୁ କିଛି ଫେରି ପାଇବେ (୧ଶାମୁଏଲ ୩୦:୮) । ଏଣୁ ଦାଉଦଙ୍କୁ ସାହସ ଓ ବିଶ୍ୱାସର ସହିତ ଶତ୍ରୁର ପିଛା କରିବାକୁ ହୋଇଥିଲା । ଯେପରି କୁହାଯାଏ, ବିଶ୍ୱାସ ଦ୍ୱାରା ସେମାନେ *"ଦୁର୍ବଳ ସମୟରେ ସବଳ ହେଲେ, ଯୁଦ୍ଧରେ ବିଜୟୀ ହେଲେ"* (ଏବ୍ରୀ ୧୧:୩୪), ଏବଂ ଶତ୍ରୁର ମୁକାବିଲା କରି ସବୁ ଫେରି ପାଇଲେ ।

### *ଧୈର୍ଯ୍ୟ*

ବିଶ୍ୱାସ ସଙ୍ଗେ ଧୈର୍ଯ୍ୟ ଧରିବା ନିହାତି ଆବଶ୍ୟକ । ଧୈର୍ଯ୍ୟ ଧରିବା ସମୟସାପେକ୍ଷ ହୋଇଥାଏ । ଧୈର୍ଯ୍ୟ କହିଲେ ସମୟ ଦେଇ ଆମେ ଆମର କର୍ତ୍ତବ୍ୟ କର୍ମ କରି ଚାଲିବାର ସାମର୍ଥ୍ୟ । ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଆମ ଜୀବନରେ ଯେତେବେଳେ ଆରମ୍ଭ ହୁଏ, ଆମେ ଧୈର୍ଯ୍ୟ ସହକାରେ ତାଙ୍କ ସହିତ ସବୁ ସମୟ ଚାଲିବାକୁ ହେବ । ଆମେ ପ୍ରାୟଶଃ ଚାହିଁଥାଉ ଏହି କାର୍ଯ୍ୟ ତତ୍କାଳ ହୋଇଯାଉ । ହଁ, ବେଳେବେଳେ ଅନେକ ବିଷୟର "ହଠାତ୍" ପରିବର୍ତ୍ତନ ହୋଇଥାଏ । ଏହା ଘଟିଲେ ଆଶ୍ଚର୍ଯ୍ୟଜନକ ଓ ଆଗ୍ରହଜାତକାରୀ ମନେ ହୋଇଥାଏ । ତେବେ ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଅନେକ ସମୟରେ ଚାଲିଥାଏ ଏବଂ କାର୍ଯ୍ୟକୁ ସମ୍ପୂର୍ଣ୍ଣୀକୃତ ଦେଖିବାକୁ ହେଲେ ଆମେ ଧୈର୍ଯ୍ୟ ଧରି ବିଶ୍ୱାସରେ ତାହାଙ୍କ ସହିତ ଚାଲିବାକୁ ହେବ । ବେଳେବେଳେ ଈଶ୍ୱରଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଓ ନିଜକୁ ସବଳ କରିବା ପାଇଁ, ଆମେ ତାଙ୍କ ସହିତ ଏହିପରି ଧୈର୍ଯ୍ୟର ସହ ଚାଲିବାକୁ ହେବ, ଯାହା "ହଠାତ୍" ଘଟିବା ସମ୍ଭବ ନୁହେଁ ।

ଗୀତରଚକ ଏକ ଭୟଙ୍କର ଗର୍ତ୍ତରେ ପଡ଼ିଯାଇଥିଲେ । ତଥାପି ସେ ଧୈର୍ଯ୍ୟପୂର୍ଣ୍ଣ ହୃଦୟରେ ବିଶ୍ୱାସର ସହିତ ପ୍ରଭୁଙ୍କ ଆଡ଼କୁ ଅନାଇଲେ ।

**ଗୀତସଂହିତା ୪୦:୧-୩**
**୧ ମୁଁ ଧୈର୍ଯ୍ୟ ଧରି ସଦାପ୍ରଭୁଙ୍କର ଅପେକ୍ଷା କଲି; ପୁଣି ସେ ମନୋଯୋଗ କରି ମୋହର କାକୂକ୍ତି ଶୁଣିଲେ ।**

୨ ମଧ୍ଯ ସେ ମୋତେ ଭୟଙ୍କର ଗର୍ତ୍ତରୁ ଓ ଦହଲା କାଦୁଅରୁ ଉଠାଇ ଆଣିଲେ ଓ ଶୈଳ ଉପରେ ମୋର ପାଦଗତି ଦୃଢ଼ କଲେ ।
୩ ପୁଣି, ସେ ମୋ’ ମୁଖରେ ଆମ୍ଭମାନଙ୍କ ପରମେଶ୍ଵରଙ୍କ ପ୍ରଶଂସାର ଏକ ନୂତନ ଗୀତ ଦେଇଅଛନ୍ତି; ଅନେକେ ଏହା ଦେଖିବେ ଓ ଭୟ କରିବେ, ପୁଣି ସଦାପ୍ରଭୁଙ୍କଠାରେ ବିଶ୍ଵାସ କରିବେ ।

ଆମର ମୁକ୍ତି ନିମନ୍ତେ ଈଶ୍ଵରଙ୍କ ସହିତ ଧୈର୍ଯ୍ୟ ସହକାରେ ଚାଲିବାକୁ ହେଲେ ଆମେ ଅତୀତକୁ ଛାଡ଼ିଦେବାପାଇଁ ଇଚ୍ଛୁକ ହୋଇ ରହିବା ଆବଶ୍ୟକ । ତାଙ୍କର ମୁକ୍ତିକୁ ଅନୁଭବ କରିବାକୁ ହେଲେ ଅତୀତକୁ ଛାଡ଼ି ଦେବା ପାଇଁ ଆମେ ନିଶ୍ଚେ ଚାହିଁବା । ଉଦାହରଣ ସ୍ଵରୂପ, ଇଶ୍ରାଏଲୀୟ ଲୋକମାନଙ୍କୁ ମିଶରରୁ ବାହାର କରି ଆଣି ସେମାନଙ୍କୁ ପ୍ରତିଜ୍ଞାତ ଦେଶକୁ ନେଇ ଯିବାବେଳେ ଈଶ୍ଵର ସେମାନଙ୍କୁ ଅନେକ ଆଶ୍ଚର୍ଯ୍ୟ ପ୍ରତିଜ୍ଞା ପ୍ରଦାନ କରିଥିଲେ:

ଯାତ୍ରାପୁସ୍ତକ ୬:୬-୮
୬ ଏଥିନିମନ୍ତେ ଇସ୍ରାଏଲ ସନ୍ତାନଗଣକୁ କୁହ, ଆମ୍ଭେ ସଦାପ୍ରଭୁ, ଆମ୍ଭେ ତୁମ୍ଭମାନଙ୍କୁ ମିସ୍ରୀୟମାନଙ୍କ ଭାରବହନରୁ ନିସ୍ତାର କରିବା ଓ ଆମ୍ଭେ ତୁମ୍ଭମାନଙ୍କୁ ସେମାନଙ୍କ ଦାସତ୍ଵରୁ ମୁକ୍ତ କରିବା, ପୁଣି ଆମ୍ଭେ ବିସ୍ତାର୍ଣ୍ଣ ବାହୁ ଓ ମହା ମହା ଦଣ୍ଡ ଦ୍ଵାରା ତୁମ୍ଭମାନଙ୍କୁ ଉଦ୍ଧାର କରିବା ।
୭ ଆମ୍ଭେ ତୁମ୍ଭମାନଙ୍କୁ ଆପଣା ଲୋକ ରୂପେ ଗ୍ରହଣ କରିବା ଓ ଆମ୍ଭେ ତୁମ୍ଭମାନଙ୍କର ପରମେଶ୍ଵର ହେବା; ତହିଁରେ ମିସ୍ରୀୟମାନଙ୍କ ଭାରବହନରୁ ତୁମ୍ଭମାନଙ୍କର ନିସ୍ତାରକାରୀ ଆମ୍ଭେ ଯେ ତୁମ୍ଭମାନଙ୍କ ପରମେଶ୍ଵର ସଦାପ୍ରଭୁ ଅଟୁ, ତାହା ତୁମ୍ଭେମାନେ ଜାଣିବ ।
୮ ଆମ୍ଭେ ଅବ୍ରାହାମ ଓ ଇସ୍‌ହାକ ଓ ଯାକୁବଙ୍କୁ ଯେଉଁ ଦେଶ ଦେବା ନିମିତ୍ତ ଆପଣା ହସ୍ତ ଉଠାଇଅଛୁ, ସେହି ଦେଶକୁ ଆମ୍ଭେ ତୁମ୍ଭମାନଙ୍କୁ ଘେନିଯିବା, ପୁଣି ଆମ୍ଭେ ଅଧିକାରାର୍ଥେ ତାହା ତୁମ୍ଭମାନଙ୍କୁ ଦେବା; ଆମ୍ଭେ ସଦାପ୍ରଭୁ ।

ଲେବୀପୁସ୍ତକ ୨୬:୧୩
ତୁମ୍ଭେମାନେ ଯେପରି ସେମାନଙ୍କର ଦାସ ନ ହେବ, ଏଥିପାଇଁ ଯେ ତୁମ୍ଭମାନଙ୍କୁ ମିସର ଦେଶରୁ ବାହାର କରି ଆଣିଲେ, ସେହି ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ଵର ଆମ୍ଭେ ଅଟୁ; ଆମ୍ଭେ ତୁମ୍ଭମାନଙ୍କ ଯୁଆଳିର ଯୋତ ଭାଙ୍ଗିଅଛୁ ଓ ତୁମ୍ଭମାନଙ୍କୁ ସିଧା ଚାଲିବାକୁ ଦେଇଅଛୁ ।

ଯଦିବା ଈଶ୍ଵର ସେମାନଙ୍କୁ ପ୍ରତିଜ୍ଞାତ ଦେଶକୁ କଢ଼ାଇ ନେଇଥିଲେ, ପଥ ମଧ୍ୟରେ ସେମାନେ ମିଶରକୁ ମନେ ପକାଉଥିଲେ । ସେମାନେ ଫେରି ଅତୀତକୁ ଦେଖୁଥିଲେ । ସେମାନେ ଅତୀତର ବିଷୟସବୁକୁ ପାଇବାକୁ ଚାହୁଁଥିଲେ, ଯେତେବେଳେ ଭବିଷ୍ୟତରେ ମହତ୍ତର ଆଶୀର୍ବାଦସବୁ ସେମାନଙ୍କର ଅପେକ୍ଷା କରି ରହିଥିଲା । ସେମାନଙ୍କର ଆହ୍ଵାନକାରୀ ଯାତ୍ରା ହେତୁ ସେମାନେ ମନେ କରୁଥିଲେ ଯେ ଭବିଷ୍ୟତ ଅପେକ୍ଷା ଅତୀତ ଅଧିକ ଉତ୍ତମ

ଥିଲା । ତାହା ଭୁଲ ଥିଲା । ଏଥିହେତୁ ବହୁଲୋକ ପ୍ରାନ୍ତରରେ ମୃତ୍ୟୁଭୋଗ କରିଥିଲେ । ସେମାନଙ୍କୁ ମିଶରରୁ ମୁକ୍ତ କରି ଆଣି ଯେଉଁ ପୂର୍ଣ୍ଣତା ଦେବେ ବୋଲି ଈଶ୍ୱର ଚାହିଁଥିଲେ ସେଥିରେ ସେମାନେ ପ୍ରବେଶ କରି ପାରି ନ ଥିଲେ ।

## ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟରେ ଶୃଙ୍ଖଳା ଏବଂ କେତେକ କ୍ଷେତ୍ରରେ ଆବଶ୍ୟକ ଶାସନ ରହିଥାଏ

ଆମମାନଙ୍କ ଜୀବନରେ ଈଶ୍ୱରଙ୍କ ମୁକ୍ତିର କାର୍ଯ୍ୟର ଅଂଶରୂପେ, ସେ ଆମ ଜୀବନର ଭୁଲଭ୍ରାନ୍ତି ଓ ମନ୍ଦ ବିଷୟସବୁକୁ ସଂଶୋଧନ କରିବାକୁ ଚାହିଁଥାନ୍ତି । ଆମ ନିମନ୍ତେ ଏହା ଲାଭଦାୟକ ହେବ ଯଦି ଆମେ ଆମର ଭୁଲ ମନୋଭାବ, ଭୁଲ ବ୍ୟବହାର, ଭୁଲ ଅଭିପ୍ରାୟ, ପ୍ରତ୍ୟକ୍ଷଜ୍ଞାନସବୁକୁ ଶୀଘ୍ର ବୁଝୁ ଓ ସ୍ୱେଚ୍ଛାକୃତ ଭାବରେ ସେଗୁଡ଼ିକୁ ସଂଶୋଧନ କରୁ । କିନ୍ତୁ ଆମ ମଧ୍ୟରୁ ଅଧିକାଂଶ ତାହା କରି ନ ଥାଉ । ଅନେକ ବିଷୟକୁ ଆମେ ନ ଛାଡ଼ି ଧରି ରହିବାକୁ ଜିଦ୍ କରିଥାଉ । ଅନେକ ସମୟରେ ମଧ୍ୟ କେତେକ ବିଷୟକୁ ଆମେ ଭୁଲ ବୋଲି ମନେ କରି ନ ଥାଉ । ତେଣୁ ଈଶ୍ୱର ଆମ ଜୀବନରେ ତାଙ୍କର ମୁକ୍ତିକାରୀ କାର୍ଯ୍ୟ ପ୍ରକାଶ କରିବା ବେଳେ ଅନେକ ବିଷୟର ସଂଶୋଧନ ଆବଶ୍ୟକ କରିଥାନ୍ତି ।

ଉଦାହରଣ ସ୍ୱରୂପ, ଈଶ୍ୱରଙ୍କଠାରେ ବିଶ୍ୱାସ କରୁଥିବା ସ୍ୱାମୀ ଓ ସ୍ତ୍ରୀ ଯଦି ସେମାନଙ୍କ ବିବାହକୁ ମୁକ୍ତ କରିବା ଓ ସେମାନଙ୍କ ସମ୍ପର୍କକୁ ପୁନଃସ୍ଥାପିତ କରିବାକୁ ଚାହାନ୍ତି ସେମାନେ ସେମାନଙ୍କର ଭୁଲ ବୁଝାମଣା ଓ ବ୍ୟବହାରକୁ ସୁଧାରିବା ଆବଶ୍ୟକ । ଏହା ସେମାନଙ୍କର ଅନ୍ଧକାର ପାର୍ଶ୍ୱରେ ରହିଥାଏ । ସେମାନେ ବୁଝି ପାରି ନ ଥାନ୍ତି ଯେ ସେମାନଙ୍କର ଭୁଲ ବ୍ୟବହାର ବା ଭୁଲ ମନୋଭାବ ଯୋଗୁଁ ସେମାନଙ୍କର ବିବାହ ନଷ୍ଟ ହୋଇଯାଇଛି । ସେମାନେ ନିଜ ନିଜକୁ ଠିକ୍ ବୋଲି ମନେ କରୁଥିଲେ । ଏହି ପ୍ରକ୍ରିୟାରେ ସେମାନେ ଯେତେବେଳେ ପରସ୍ପର କାର୍ଯ୍ୟ କରନ୍ତି ସେମାନେ ନିଜ ନିଜକୁ ନମ୍ର କରି ସଂଶୋଧନ ଓ ପରିବର୍ତ୍ତନ କରିବା ଆବଶ୍ୟକ ।

ଈଶ୍ୱର ଯେଉଁମାନଙ୍କୁ ପ୍ରେମ କରନ୍ତି ସେମାନଙ୍କୁ ଶାସନ କରନ୍ତି । ସେ ପ୍ରେମରେ ସଂଶୋଧନ କରି ଶାସନ କରିଥାନ୍ତି, ଯାହା ଆମର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ, ଆମର ବିନାଶ ନିମନ୍ତେ ନୁହେଁ । ଏହା ଏକ ମୁକ୍ତିକାରୀ ହୃଦୟରୁ ନିଃସୃତ ଶୃଙ୍ଖଳା, ଯାହା ଆମର ମୂର୍ଖତାରୁ ଆମକୁ ମୁକ୍ତ କରିବାକୁ ଚାହିଁଥାଏ ।

ଏବ୍ରୀ ୧୨:୫-୧୧
୫ ଆଉ ପୁତ୍ରମାନଙ୍କ ପରି ତୁମ୍ଭମାନଙ୍କ ପ୍ରତି ଉକ୍ତ ଏହି ଉତ୍ସାହବାକ୍ୟ ଭୁଲିଅଛ, ହେ ମୋହର ପୁତ୍ର, ପ୍ରଭୁଙ୍କ ଶାସନକୁ ଲଘୁ ଜ୍ଞାନ କର ନାହିଁ, କିମ୍ବା ତାହାଙ୍କ ଦ୍ୱାରା ଅନୁଯୋଗ ପ୍ରାପ୍ତ ହେଲେ କ୍ଳାନ୍ତ ହୁଅ ନାହିଁ;
୬ କାରଣ ପ୍ରଭୁ ଯାହାକୁ ପ୍ରେମ କରନ୍ତି, ତାହାକୁ ଶାସନ କରନ୍ତି, ପୁଣି ଯେଉଁ ପୁତ୍ରକୁ ସେ ଗ୍ରହଣ କରନ୍ତି, ତାହାକୁ ପ୍ରହାର କରନ୍ତି ।
୭ ଶାସନ ଉଦ୍ଦେଶ୍ୟରେ ତ ତୁମ୍ଭେମାନେ କ୍ଳେଶ ସହ୍ୟ କରୁଅଛ; ଈଶ୍ୱର ତୁମ୍ଭମାନଙ୍କ ସହିତ ପୁତ୍ର ତୁଲ୍ୟ ବ୍ୟବହାର କରୁଅଛନ୍ତି, କାରଣ ପିତା ଯାହାକୁ ଶାସନ ନ କରନ୍ତି, ଏପରି ପୁତ୍ର କିଏ ଅଛି ?
୮ କିନ୍ତୁ ଯେଉଁ ଶାସନର ସମସ୍ତେ ସହଭାଗୀ, ଯଦି ତୁମ୍ଭେମାନେ ସେଥିର ଅଂଶୀ ନୁହଁ, ତେବେ ତୁମ୍ଭେମାନେ ପୁତ୍ର ନ ହୋଇ ଜାରଜ ଅଟ ।
୯ ଆହୁରି ମଧ୍ୟ, ଆମ୍ଭମାନଙ୍କ ଶାସନକାରୀ ଆମ୍ଭମାନଙ୍କ ଶାରୀରିକ ପିତୃଗଣଙ୍କୁ ଆମ୍ଭମାନେ ସମାଦର କରୁ, ତେବେ ଆତ୍ମାମାନଙ୍କ ପିତାଙ୍କର ବରଂ କେତେ ଅଧିକରୂପେ ବଶୀଭୂତ ହୋଇ ଜୀବନ ପ୍ରାପ୍ତ ନ ହେବୁ ?
୧୦ କାରଣ ସେମାନଙ୍କୁ ଯେପରି ବିହିତ ବୋଧ ହେଲା, ତଦନୁସାରେ ସେମାନେ ଅଳ୍ପ ଦିନ ନିମନ୍ତେ ଆମ୍ଭମାନଙ୍କୁ ଶାସନ କଲେ; କିନ୍ତୁ ଆମ୍ଭେମାନେ ଯେପରି ତାହାଙ୍କ ପବିତ୍ରତାର ସହଭାଗୀ ହେଉ, ଏଥିପାଇଁ ସେ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ଶାସନ କରନ୍ତି ।
୧୧ ଶାସନ ବର୍ତ୍ତମାନ ଆନନ୍ଦଜନକ ବୋଧ ନ ହୋଇ ଦୁଃଖଜନକ ବୋଧ ହୁଏ; ତଥାପି ଯେଉଁମାନେ ତଦ୍ୱାରା ଶିକ୍ଷାପ୍ରାପ୍ତ ହୋଇଅଛନ୍ତି, ତାହା ପରେ ସେମାନଙ୍କୁ ଶାନ୍ତିର ଫଳସ୍ୱରୂପ ଧାର୍ମିକତା ପ୍ରଦାନ କରେ ।

ସେ ତାଙ୍କର ବାକ୍ୟ ଦ୍ୱାରା, ତାଙ୍କ ଆତ୍ମାଙ୍କ କାର୍ଯ୍ୟ ଦ୍ୱାରା, ଆମ ଚାରିପାଖରେ ଥିବା ଲୋକମାନଙ୍କ ଦ୍ୱାରା, ଏବଂ ସମୟ ସମୟରେ ଆମର ମଙ୍ଗଳ ନିମନ୍ତେ ରଚିତ କୌଣସି ପରିସ୍ଥିତିସମୂହ ଦ୍ୱାରା ସେ ଆମମାନଙ୍କୁ ସଂଶୋଧନ କରିଥାନ୍ତି । ଆମ ଜୀବନ ମଧ୍ୟକୁ ସେ ଆଣିଥିବା ସଂଶୋଧନ ପ୍ରତି ଆମେ ଗ୍ରହଣକ୍ଷମ ହେବା ଉଚିତ ।

ଆମମାନଙ୍କ ଜୀବନରେ ତାଙ୍କର ମୁକ୍ତିକାରୀ କାର୍ଯ୍ୟର ଅଂଶବିଶେଷ ସ୍ୱରୂପେ, ଆମେ ମଧ୍ୟ ମଧ୍ୟ ନ୍ୟାୟ ବିଚାରର ସମ୍ମୁଖୀନ ହୋଇଥାଉ । ଆମର ପାପ ବାହାରେ ପ୍ରକାଶିତ ହୋଇଥାଏ ଏବଂ ଆମେ ଆମର ଭୁଲ ଯୋଗୁଁ ଅନେକ ସମୟ ପର୍ଯ୍ୟନ୍ତ ଏହାର ପରିଣାମ ଭୋଗ କରିଥାଉ । ଏପରି ପରିସ୍ଥିତିରେ ସୁଦ୍ଧା ଈଶ୍ୱର ଆମର ପୁନଃସ୍ଥାପନ ଓ ମୁକ୍ତି ଚାହିଁଥାନ୍ତି, ଆମର ସମ୍ପୂର୍ଣ୍ଣ ବିନାଶ ଚାହିଁ ନ ଥାନ୍ତି । ରାଜା ଦାଉଦ ଏହା ବୁଝିଥିଲେ, ଯେତେବେଳେ ସେ ତାଙ୍କର ହତ୍ୟା ଓ ବ୍ୟଭିଚାରଜନିତ ପାପ ପ୍ରକାଶ ପାଇଥିବା ହେତୁ ଅନେକ ଦିନ

ତା'ର ପରିଣାମ ଭୋଗ କରିଥିଲେ । ଈଶ୍ୱର ତାଙ୍କୁ ପୁନଃସ୍ଥାପିତ କରିଥିଲେ ଏବଂ ସେ ନିଜ ଜୀବନରେ ଈଶ୍ୱରଙ୍କ ଦୟା ଓ ଉତ୍ତମତାର ହସ୍ତ ଦେଖି ପାରିଥିଲେ ।

**ଯିଶାଇୟ ୫୪:୮**
**ଅତିଶୟ କୋପରେ ଆମ୍ଭେ ଏକ ନିମିଷମାତ୍ର ଆପଣା ମୁଖ ତୁମ୍ଭଠାରୁ ଲୁଚାଇଲୁ, ମାତ୍ର ଅନନ୍ତ କାଳସ୍ଥାୟୀ ଦୟାରେ ଆମ୍ଭେ ତୁମ୍ଭ ପ୍ରତି କରୁଣା କରିବା, ଏହା ତୁମ୍ଭର ମୁକ୍ତିଦାତା ସଦାପ୍ରଭୁ କହନ୍ତି ।**

## ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ଆମକୁ କେବଳ ପୂର୍ବ ଅବସ୍ଥାକୁ ନେଇ ଯାଇ ନ ଥାଏ, ଆମକୁ ମଧ୍ୟ ଆଦ୍ୟାବସ୍ଥା ଠାରୁ ଉଚ୍ଚତର କ୍ଷେତ୍ରରେ ସ୍ଥାପନ କରିଥାଏ

ଆମମାନଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟରେ ଈଶ୍ୱର ଆମକୁ ଗୌରବରୁ ମହାଗୌରବ ଆଡ଼କୁ, ସାମାନ୍ୟ ବିଶ୍ୱାସରୁ ଅଧିକ ବିଶ୍ୱାସ ଆଡ଼କୁ, କମ୍ ଶକ୍ତିରୁ ଅଧିକ ଶକ୍ତିଯୁକ୍ତ ଅବସ୍ଥାକୁ ନେବାକୁ ଚାହିଁଥାନ୍ତି । ଈଶ୍ୱର କାର୍ଯ୍ୟ କଲେ କୌଣସି ବିଷୟ ଆଦ୍ୟାବସ୍ଥା ଅପେକ୍ଷା ଶେଷ ଅବସ୍ଥା ଅଧିକ ଉତ୍ତମ ହୋଇଥାଏ । ସେହିପରି, ଆମମାନଙ୍କୁ ମୁକ୍ତ କରି ଈଶ୍ୱର ଆମକୁ ପୂର୍ବାବସ୍ଥାରେ ପୁନଃସ୍ଥାପିତ କରିବା ସଙ୍ଗେ ସଙ୍ଗେ ଆରମ୍ଭ ଅପେକ୍ଷା ଆମକୁ ଅଧିକ ଉତ୍ତମ ସ୍ଥିତିକୁ ନେଇଯାନ୍ତି ।

### *ଯୋଷେଫ*

ଯୋଷେଫଙ୍କ ବିଷୟ ଚିନ୍ତା କରନ୍ତୁ । ସେ ୧୩ ବର୍ଷ ଧରି ଦୁଃଖକଷ୍ଟ ସହ୍ୟ କଲେ । ଏହାପରେ ଈଶ୍ୱର ତାଙ୍କୁ ଯେଉଁ ଆଶ୍ଚର୍ଯ୍ୟଜନକ ସ୍ଥାନକୁ ନେଇ ଅବସ୍ଥାପିତ କଲେ ତାହା ସେ ବ୍ୟକ୍ତ କରିବାକୁ ଯାଇ ତାଙ୍କ ପୁଅମାନଙ୍କୁ ତଦନୁସାରେ ନାମ ଦେଇଥିଲେ ।

**ଆଦିପୁସ୍ତକ ୪୧:୫୧, ୫୨**
**୫୧ ତହିଁରେ ଯୋଷେଫ୍ ଜ୍ୟେଷ୍ଠର ନାମ ମନଃଶି (ବିସ୍ମୃତି) ରଖିଲେ, କାରଣ ସେ କହିଲେ, ପରମେଶ୍ୱର ମୋହର ସମସ୍ତ କ୍ଳେଶର ଓ ନିଜ ପିତୃଗୃହର ବିସ୍ମୃତି ଜନ୍ମାଇ ଅଛନ୍ତି ।**
**୫୨ ପୁଣି ଦ୍ୱିତୀୟ ପୁତ୍ରର ନାମ ଇଫ୍ରୟିମ (ଫଳବାନ୍) ରଖିଲେ, କାରଣ ସେ କହିଲେ, ମୋହର ଦୁଃଖଭୋଗର ଦେଶରେ ପରମେଶ୍ୱର ମୋତେ ଫଳବାନ୍ କରିଅଛନ୍ତି ।**

ସେ ପିତାଙ୍କ ଗୃହରେ ଯେତେ ପ୍ରିୟପାତ୍ର ଥିଲେ, ଫାରୋଙ୍କ ଦରବାରରେ ଏବଂ ସାରା ମିଶର ଦେଶରେ ତା'ଠାରୁ ଅଧିକ ପ୍ରିୟପାତ୍ର ହୋଇଥିଲେ । ପିତୃଗୃହରେ ଥିବା ସମୟରେ ସେ ନାନାବର୍ଣ୍ଣର ବିଶେଷ ଅଙ୍ଗରଖା ପିନ୍ଧୁଥିଲେ, କିନ୍ତୁ ମିଶର ଦେଶରେ ତାଙ୍କୁ ସର୍ବୋତ୍ତମ

ସୂକ୍ଷ୍ମବସ୍ତ୍ର ଓ ସୁବର୍ଣ୍ଣହାର ଦିଆଗଲା । ସେ ନିଜ ଭାଇମାନଙ୍କ ଦ୍ୱାରା ଘୃଣିତ ଥିଲେ ଓ ତାଙ୍କ ପ୍ରତି ସେମାନେ ବିଶ୍ୱାସଘାତକତା କରିଥିଲେ, କିନ୍ତୁ ସମୁଦାୟ ମିଶରରେ ତାଙ୍କୁ ଲୋକେ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ଈଶ୍ୱର ତାଙ୍କର ସମସ୍ତ ଦୁଃଖ ଦୁର୍ଦ୍ଦଶାରୁ ମୁକ୍ତ କରି ତାଙ୍କୁ ଏପରି ଏକ ସ୍ଥାନକୁ ଆଣିଲେ ଯେ ତାଙ୍କ ଜୀବନର ପରବର୍ତ୍ତୀ ଅବସ୍ଥା ଆଦ୍ୟବସ୍ଥା ଅପେକ୍ଷା ମହତ୍ତର ହୋଇଥିଲା । ଏହା ହିଁ ମୁକ୍ତି ଅଟେ ।

### *ଆୟୁବ*

ଆୟୁବଙ୍କ ନିମନ୍ତେ ଈଶ୍ୱର ଯାହା କରିଥିଲେ ଚିନ୍ତା କରନ୍ତୁ । ସେ ଯେତେ ସମୟ ପରୀକ୍ଷା ମଧ୍ୟ ଦେଇ ଗତି କରିଥିଲେ (ସେ କେତେ ଦିନ ଦୁଃଖଭୋଗ କରିଥିଲେ, ବାଇବଲ ତାହା କହେ ନାହିଁ, କିନ୍ତୁ ଯିହୁଦୀମାନଙ୍କ କିମ୍ବଦନ୍ତୀ ଅନୁସାରେ ସେ କେତେ ମାସ ଧରି ବା ପ୍ରାୟ ଏକ ବର୍ଷ ଧରି କଷ୍ଟ ପାଇଥିଲେ) ତା' ତୁଳନାରେ ସେ ପ୍ରାୟ ୧୪୦ ବର୍ଷ ଧରି ଦ୍ୱିଗୁଣ ଆଶୀର୍ବାଦ ଉପଭୋଗ କରିଥିଲେ ।

ଆୟୁବ ୪୨:୧୦
**ପୁଣି, ଆୟୁବ ଆପଣା ମିତ୍ରମାନଙ୍କ ପାଇଁ ପ୍ରାର୍ଥନା କରନ୍ତେ, ସଦାପ୍ରଭୁ ତାହାର ବନ୍ଦୀ ଅବସ୍ଥା ପରିବର୍ତ୍ତନ କଲେ; ପୁଣି, ସଦାପ୍ରଭୁ ଆୟୁବକୁ ତାହାର ପୂର୍ବ ସମ୍ପଦର ଦ୍ୱିଗୁଣ ପ୍ରଦାନ କଲେ ।**

ଆୟୁବ ୪୨:୧୨,୧୬,୧୭
**୧୨ ଏହିରୂପେ ସଦାପ୍ରଭୁ ଆୟୁବର ଆଦ୍ୟ ଅବସ୍ଥା ଅପେକ୍ଷା ଶେଷ ଅବସ୍ଥାକୁ ଅଧିକ ଆଶୀର୍ବାଦଯୁକ୍ତ କଲେ; ତହିଁରେ ତାହାର ଚଉଦ ହଜାର ମେଷ ଓ ଛଅ ହଜାର ଉଷ୍ଟ୍ର ଓ ଏକ ହଜାର ହଳ ବଳଦ ଓ ଏକ ହଜାର ଗର୍ଦ୍ଦଭୀ ହେଲେ ।**
**୧୬ ପୁଣି, ଏଥି ଉତ୍ତାରେ ଆୟୁବ ଏକ ଶ ଚାଳିଶ୍ ବର୍ଷ ବଞ୍ଚି ଚାରି ପୁରୁଷଯାଏ ଆପଣାର ପୁତ୍ରପୌତ୍ରମାନଙ୍କୁ ଦେଖିଲା ।**
**୧୭ ଏହିରୂପେ ଆୟୁବ ବୃଦ୍ଧ ଓ ପୂର୍ଣ୍ଣାୟୁ ହୋଇ ପ୍ରାଣତ୍ୟାଗ କଲା ।**

### *ଇଶ୍ରାଏଲୀୟ ଲୋକମାନେ*

ଈଶ୍ୱର ଇଶ୍ରାଏଲ ଲୋକଙ୍କୁ ମିଶର ଦେଶର ଦାସତ୍ୱରୁ ବାହାର କରି ଆଣିଲେ । ମିଶରକୁ "ଲୁହା ଭାଟି" କୁହାଯାଏ । ସେ ସେମାନଙ୍କୁ ଆଣି "ତାହାଙ୍କ ଅଧିକାରର ଲୋକ" କଲେ । ଯେଉଁମାନେ ଦିନେ କ୍ରୀତଦାସ ଥିଲେ ବର୍ତ୍ତମାନ ସେମାନେ ତାଙ୍କର ନିଜସ୍ୱ ଲୋକ ହେଲେ । ସେମାନେ ମିଶରରେ କ୍ରୀତଦାସ କାମ କରୁଥିଲେ । ସେଠାରୁ ସେ

ସେମାନଙ୍କୁ ଆଣି ଏକ ଦୁଗ୍ଧମଧୁ ପ୍ରବାହିତ ଦେଶକୁ ନେଇଗଲେ । ସେମାନେ ଯାହା ଆଗକୁ କେବେ ଜାଣି ନ ଥିଲେ ଏପରି ଆତ୍ମିକ ଓ ଅନ୍ୟାନ୍ୟ ବିଷୟ ସେମାନେ ନୂତନ ଦେଶରେ ପ୍ରାପ୍ତ ହୋଇଥିଲେ ।

**ଦ୍ୱି.ବିବରଣ ୪:୨୦**
**ମାତ୍ର ତୁମ୍ଭେମାନେ ଆଜି ଦିନର ପରି ଯେପରି ସଦାପ୍ରଭୁଙ୍କ ଅଧିକାରର ଲୋକ ହୁଅ, ଏଥିପାଇଁ ସେ ତୁମ୍ଭମାନଙ୍କୁ ଗ୍ରହଣ କରିଅଛନ୍ତି ଓ ତୁମ୍ଭମାନଙ୍କୁ ଲୁହା-ଭାଟି ସ୍ୱରୂପ ମିସରରୁ ଉଦ୍ଧାର କରି ଆଣିଅଛନ୍ତି ।**

**ଦ୍ୱି.ବିବରଣ ୬:୨୧-୨୩**
**୨୧ ତୁମ୍ଭେ ଆପଣା ସନ୍ତାନକୁ କହିବ, ଆମ୍ଭେମାନେ ମିସରରେ ଫାରୋର ବନ୍ଧାଦାସ ଥିଲୁ; ପୁଣି ସଦାପ୍ରଭୁ ବଳବାନ୍ ହସ୍ତ ଦ୍ୱାରା ଆମ୍ଭମାନଙ୍କୁ ମିସରରୁ ବାହାର କରି ଆଣିଲେ;**
**୨୨ ଆଉ ସଦାପ୍ରଭୁ ଆମ୍ଭମାନଙ୍କ ସାକ୍ଷାତରେ ମିସର ପ୍ରତି, ଫାରୋଙ୍କ ପ୍ରତି ଓ ତାଙ୍କର ସମସ୍ତ ପରବିାର ପ୍ରତି, ମହତ୍ ଓ କ୍ଲେଶଦାୟକ ଚିହ୍ନ ଓ ଆଶ୍ଚର୍ଯ୍ୟକ୍ରିୟା ଦେଖାଇଲେ ।**
**୨୩ ପୁଣି ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ନିକଟରେ ଯେଉଁ ଦେଶ ବିଷୟରେ ଶପଥ କରିଥିଲେ, ସେ ଦେଶରେ ସେ ଆମ୍ଭମାନଙ୍କୁ ପହୁଞ୍ଚାଇ ତାହା ଦେବା ନିମନ୍ତେ ମିସରରୁ ବାହାର କରି ଆଣିଲେ ।**

### *ଅପବ୍ୟୟୀ ପୁତ୍ର*

ଅପବ୍ୟୟୀ ପୁତ୍ର ଫେରି ଆସିବାରୁ ପିତା ତା' ପ୍ରତି ଯାହାସବୁ କଲେ ତାହା ସେ ଆଗରୁ ତାଙ୍କର ଦୁଇ ପୁତ୍ର ପାଇଁ କେବେ କରି ନ ଥିଲେ । ଅପବ୍ୟୟୀ ପୁତ୍ର ଫେରିଆସିବା ପରେ ତାକୁ ସର୍ବୋତ୍ତମ ପୋଷାକ, ମୁଦି ଓ ପାଦୁକା ଦିଆଗଲା ଏବଂ ଏକ ବଡ଼ ଉତ୍ସବ ପାଳନ କରାଗଲା ଯାହା ସେଥିପୂର୍ବରୁ କେବେ ପାଳନ କରାଯାଇ ନ ଥିଲା । ଏହା ଆମେ ବଡ଼ପୁଅର ପ୍ରତିକ୍ରିୟାରୁ ଜାଣିପାରୁ (ଲୂକ ୧୫:୨୯) ।

### *ମୁକ୍ତିର ମହାଯୋଜନା*

ଆମେମାନେ ପତିତ ପାପୀ ହେଲେ ସୁଦ୍ଧା, ଈଶ୍ୱରଙ୍କ ପୁତ୍ରଙ୍କ ଦ୍ୱାରା ଆମେ କେବଳ ପାପ ଓ ଶୟତାନ ଠାରୁ ରକ୍ଷା ପାଇନାହୁଁ, ଆମେ ମଧ୍ୟ ଈଶ୍ୱରଙ୍କ ପରିବାରରେ ଅନ୍ତର୍ଭୁକ୍ତ କରାଯାଇଛୁ, ଏବଂ ଈଶ୍ୱରଙ୍କର ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହଉତ୍ତରାଧିକାରୀ ହୋଇପାରିଛୁ । ଆମକୁ ମଧ୍ୟ ପିତା ଈଶ୍ୱରଙ୍କର ଦକ୍ଷିଣ ପାର୍ଶ୍ୱରେ ଖ୍ରୀଷ୍ଟଙ୍କ ସହିତ ଉପବେଶନ କରିବାକୁ ଦିଆଯାଇଛି । ପ୍ରଥମ ମନୁଷ୍ୟ ମଧ୍ୟ ଆତ୍ମିକ କ୍ଷେତ୍ରରେ ଏପରି ଉଚ୍ଚ ପଦ ପାଇଥିବାର ବର୍ଣ୍ଣନା ବାଇବଲରେ ନାହିଁ ।

ଈଶ୍ୱରଙ୍କ ମୁକ୍ତିର କାର୍ଯ୍ୟ ଆମକୁ କେବଳ ପୂର୍ବାବସ୍ଥାକୁ ନେଇ ପୁନଃସ୍ଥାପିତ କରି ନ ଥାଏ, ଆମକୁ ମଧ୍ୟ ପୂର୍ବାପେକ୍ଷା ଉଚ୍ଚତର ସ୍ଥାନରେ ଅବସ୍ଥାପିତ କରିଥାଏ ।

**ଆପଣଙ୍କ ଜୀବନକୁ ଈଶ୍ୱର ମୁକ୍ତ କରନ୍ତୁ ବୋଲି ଆପଣ କାହିଁକି ଚାହାନ୍ତି ?**

ଈଶ୍ୱର ଆପଣଙ୍କର ମୁକ୍ତିକର୍ତ୍ତା । ମୁକ୍ତ କରିବା ପାଇଁ ସେ ସମ୍ପୂର୍ଣ୍ଣ ସକ୍ଷମ । ଆପଣଙ୍କ ଜୀବନରେ ଏପରି କିଛି ରହିଛି ବା ଅନେକ ବିଷୟ ରହିଛି, ଯାହା ଈଶ୍ୱର ମୁକ୍ତି କରନ୍ତୁ ବୋଲି ଆପଣ ଚାହାନ୍ତି । ହୁଏତ ଆପଣ ଈଶ୍ୱରଙ୍କ ଦ୍ୱାରା ଅନୁପ୍ରେରିତ ଏକ ସ୍ୱପ୍ନର ସହିତ ଆରମ୍ଭ କରିଥିଲେ । କିନ୍ତୁ ସ୍ୱପ୍ନ ଦେଖିଥିବା ସମୟଠାରୁ ବର୍ତ୍ତମାନ ଜୀବନର ପରିସ୍ଥିତିସବୁ ଏତେ ବଦଳିଯାଇଛି ଯେ ବିଷୟସବୁ ପୁନଃସ୍ଥାପିତ ହେବ କି ନାହିଁ ଆଶଙ୍କା ପ୍ରକାଶ ପାଉଛି । ଆପଣଙ୍କର ପରିସ୍ଥିତିସବୁ ଯାହା ହେଉନା କାହିଁକି ଆପଣ ତାଙ୍କୁ ବିଶ୍ୱାସର ଚକ୍ଷୁରେ ଦେଖିବେ କି ?

ଆପଣଙ୍କ ଜୀବନରେ ଈଶ୍ୱର କିପରି ଭାବରେ ତାଙ୍କର ମୁକ୍ତିର କାର୍ଯ୍ୟ ସାଧନ କରିବା ଉଚିତ ତାହା ତାଙ୍କୁ ନିର୍ଦ୍ଦେଶ ଦେଇ କହିବା ଅନାବଶ୍ୟକ । ଆପଣଙ୍କର ସ୍ଥିତିକୁ କିପରି ସେ ମୁକ୍ତ କରିବେ ଓ ଅନ୍ୟ ଜଣକୁ ତାର ସ୍ଥିତିରୁ କିପରି ମୁକ୍ତ କରିବେ ଉଭୟ ମଧ୍ୟରେ ଯଥେଷ୍ଟ ପ୍ରଭେଦ ରହିପାରେ । ଆପଣଙ୍କ ଜୀବନର ସ୍ଥିତିକୁ ମୁକ୍ତ ହେବା ଦେଖିବା ପାଇଁ ତାହାଙ୍କ ସଙ୍ଗେ ଯାତ୍ରା କରିବା ଶିକ୍ଷା କରନ୍ତୁ । ସେ ଆପଣଙ୍କ ନିମନ୍ତେ କିପରି ମହାଗୌରବ ଆଣିବେ ତାହା ସେ ନିର୍ଣ୍ଣୟ କରିବେ । ସେ ଯେପରି ଭାବରେ ଏହା ଆପଣଙ୍କ ନିମନ୍ତେ କରିବେ ବୋଲି ଆପଣ ଭାବୁଛନ୍ତି ତାହା ଆପଣଙ୍କ କଳ୍ପନା ଅନୁସାରେ ହୋଇ ନ ପାରେ । ସମ୍ପୂର୍ଣ୍ଣ ଭିନ୍ନରୂପେ ସେ ଏହା ସାଧନ କରିପାରନ୍ତି । ଅନ୍ୟ କାହାର ଜୀବନରେ ସେ ଯେପରି ସାଧନ କରିଛନ୍ତି ଆପଣଙ୍କ କ୍ଷେତ୍ରରେ ତା'ର ନକଲ କରି ସେ ମୁକ୍ତିର କାର୍ଯ୍ୟ କରିବେ ନାହିଁ । ଆପଣଙ୍କ ନିମନ୍ତେ ସେ କିଛି ଅନନ୍ୟ ଓ ସ୍ୱତନ୍ତ୍ର ବିଷୟ ରଖିଥାଇ ପାରନ୍ତି, ଯାହା ଆପଣଙ୍କ ଜୀବନର ନିର୍ଦ୍ଦିଷ୍ଟ ଏକ ପରିସ୍ଥିତିରେ ତାଙ୍କର ମୁକ୍ତିକାରୀ କାର୍ଯ୍ୟ ଯୋଗୁଁ ଦେଖାଯିବ । ସେ ଭସ୍ମର ପରିବର୍ତ୍ତେ ଭୂଷଣ ପ୍ରଦାନ କରନ୍ତି । ତେଣୁ ସେ ଜାଣନ୍ତି ଆପଣଙ୍କ ଜୀବନକୁ କେଉଁ ବିଷୟ ସୁନ୍ଦର କରିବ ଯେପରି କି ତାଙ୍କର ଗୌରବ ପ୍ରକାଶ ପାଇବ ।

ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଏକ ଅଟଳ, ଅନମନୀୟ ପ୍ରେମ ଦ୍ୱାରା ପରିଚାଳିତ ଯାହାର କୌଣସି ସୀମା ନାହିଁ । ତାଙ୍କର ପ୍ରେମ ଆପଣଙ୍କ ପ୍ରତି ରହିଛି ବୋଲି ନିଶ୍ଚିତ ହୁଅନ୍ତୁ ।

ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ଅଲୌକିକ, କିନ୍ତୁ ଆମେ ତାହାଙ୍କ ସଙ୍ଗେ ମିଶି କାର୍ଯ୍ୟ କରିବା ଆବଶ୍ୟକ । ଆପଣଙ୍କ ଜୀବନର ବିଭିନ୍ନ ବିଷୟକୁ ମୁକ୍ତ ଓ ପୁନଃସ୍ଥାପିତ କରିବା ପାଇଁ ତାଙ୍କର ଶକ୍ତି ଯେପରି ପ୍ରକାଶ ପାଇବ ଏଥିନିମନ୍ତେ ଈଶ୍ୱରଙ୍କ ସହିତ ମିଶି ପରିଶ୍ରମ କରନ୍ତୁ ।

ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟରେ ସଂଶୋଧନ, ଶୃଙ୍ଖଳା ଓ ଶାସନ ରହିଥାଏ । ଯେଉଁ ବିଷୟସବୁକୁ ସୁଧାରିବା ଆବଶ୍ୟକ ହୋଇଥାଏ ତାହା କରନ୍ତୁ । ଈଶ୍ୱରଙ୍କର ସଂଶୋଧନ ନିକଟରେ ସମର୍ପିତ ହୁଅନ୍ତୁ । ଏହାକୁ ପ୍ରତିରୋଧ କରନ୍ତୁ ନାହିଁ ।

ଈଶ୍ୱରଙ୍କ ମୁକ୍ତିର କାର୍ଯ୍ୟ ଆମକୁ କେବଳ ପୂର୍ବଅବସ୍ଥାରେ ପୁନଃସ୍ଥାପିତ କରି ନ ଥାଏ, ଆମକୁ ମଧ୍ୟ ଉଚ୍ଚତର କ୍ଷେତ୍ରକୁ ନେଇଯାଏ ଯାହା ଆଦ୍ୟାବସ୍ଥା ଅପେକ୍ଷା ମହତ୍ତର ଅଟେ । ଈଶ୍ୱରଙ୍କର ମହାଗୌରବ ଆଶା କରନ୍ତୁ ।

## ବ୍ୟକ୍ତିଗତ ପ୍ରୟୋଗ

୧. ଆପଣଙ୍କ ଜୀବନର ଯେଉଁସବୁ କ୍ଷେତ୍ରକୁ ଈଶ୍ୱର ମୁକ୍ତ କରନ୍ତୁ ବୋଲି ଚାହାନ୍ତି, ସେଥିପାଇଁ ଈଶ୍ୱରଙ୍କ ନିକଟକୁ ଯାଇ ପ୍ରାର୍ଥନା କରନ୍ତୁ । ଈଶ୍ୱରଙ୍କଠାରେ ନିଜର ବିଶ୍ୱାସକୁ ପ୍ରକାଶ କରନ୍ତୁ ଏବଂ ତାହାଙ୍କ ଆଗରେ ସମର୍ପିତ ହୁଅନ୍ତୁ ଯେ ବିଭିନ୍ନ ବିଷୟର ପୁନରୁଦ୍ଧାର ଓ ପୁନଃସ୍ଥାପନ ଦେଖିବା ପାଇଁ ତାହାଙ୍କ ସହିତ ଆପଣ ଯାତ୍ରା କରିବେ ।

୨. ଆପଣ ଜାଣିଥିବା ଜଣେ ବ୍ୟକ୍ତି ନିମନ୍ତେ ପ୍ରାର୍ଥନା କରନ୍ତୁ ଯଦି ସେ ମଧ୍ୟ ତାଙ୍କ ଜୀବନରେ ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ଦେଖିବା ନିମନ୍ତେ ଇଚ୍ଛୁକ । ବିଶ୍ୱାସରେ ତାଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

# ୩

# ଈଶ୍ୱରଙ୍କ ମୁକ୍ତିକାରୀ ପ୍ରକ୍ରିୟାର ମୁଖ୍ୟ ଉପାଦାନଗୁଡ଼ିକ

ଈଶ୍ୱର ତାଙ୍କ ସଦୃଶ ହେବା ପାଇଁ ଆମକୁ ଆହ୍ୱାନ କରନ୍ତି, ତାଙ୍କ ସଦୃଶ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ ହେବାକୁ ଚାହାନ୍ତି । ଆମ ଜୀବନର ସ୍ଥିତିସବୁକୁ ଦେଖିବା ବେଳେ ଓ ଆମ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କରିବା ବେଳେ ଆମେ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ ହେବା ଉଚିତ । ମୁକ୍ତ କରିବା, ପୁନର୍ଲାଭ କରିବା, ଜାଗରିତ କରିବା, ନୂତନୀକୃତ କରିବା ଓ ପୁନଃସ୍ଥାପିତ କରିବା ଦିଗରେ ଆମେ କାର୍ଯ୍ୟ କରିବାକୁ ହେବ । ଏହି ଅଧ୍ୟାୟରେ, ଆମମାନଙ୍କ ଜୀବନରେ ଈଶ୍ୱର ଯେଉଁ ପ୍ରକ୍ରିୟାରେ ତାଙ୍କର ମୁକ୍ତିକାରୀ କାର୍ଯ୍ୟ ପ୍ରକାଶ କରନ୍ତି ତାହା ବୁଝିବାକୁ ଚେଷ୍ଟା କରିବା ।

ଈଶ୍ୱରଙ୍କର ମୁକ୍ତିକାରୀ ପ୍ରକ୍ରିୟାରେ ନିହିତ ମୁଖ୍ୟ ଉପାଦାନଗୁଡ଼ିକ ହେଲା- **ସମୟ, ବଳିଦାନ, ପାପକ୍ଷମା ଓ ପୁନଃସ୍ଥାପନ** । ଈଶ୍ୱରଙ୍କ ମୁକ୍ତିର କାର୍ଯ୍ୟରେ ସହକର୍ମୀ ହେବା ପାଇଁ ଏଠାରେ ଆମେ ରହିଛୁ । ଆମେ ଈଶ୍ୱରଙ୍କ ସହିତ କାର୍ଯ୍ୟ କରିବାକୁ ହେବ, ଏବଂ ତାଙ୍କର ମୁକ୍ତିକାରୀ ପ୍ରକ୍ରିୟାର ପ୍ରତ୍ୟେକ ଉପାଦାନକୁ ଆମେ ଜାଣିବାକୁ ଓ ଅନୁସରଣ କରିବାକୁ ହେବ, ବିଶେଷ କରି ଯେତେବେଳେ ସେ ଆମ ଜୀବନର ବିଭିନ୍ନ ବିଷୟଗୁଡ଼ିକୁ ମୁକ୍ତ କରିବା ପାଇଁ କାର୍ଯ୍ୟ କରନ୍ତି ଏବଂ ତାଙ୍କର ସହକର୍ମୀ ଭାବରେ ଅନ୍ୟ ଯେଉଁମାନଙ୍କ ନିକଟରେ ଆମେ କାର୍ଯ୍ୟ କରୁ ସେମାନଙ୍କ ଜୀବନରେ ମଧ୍ୟ ମୁକ୍ତିକାରୀ କାର୍ଯ୍ୟ ସାଧନ କରିବାକୁ ଚାହାନ୍ତି ।

**ସମୟ**

କାଳ ସମ୍ପୂର୍ଣ୍ଣ ହେଲେ ହିଁ ଈଶ୍ୱର ତାଙ୍କର ମୁକ୍ତିକାରୀ କାର୍ଯ୍ୟ ପ୍ରକାଶ କରିଥାନ୍ତି ।

ଈଶ୍ୱର ସର୍ବଦା କର୍ତ୍ତବ୍ୟରତ । କିନ୍ତୁ ତାଙ୍କର ମୁକ୍ତିକାରୀ କାର୍ଯ୍ୟ କାଳ ସମ୍ପୂର୍ଣ୍ଣ ହେବା ପରେ

ହିଁ ପ୍ରକାଶ ପାଇଛି । ଏହାକୁ kairos ସମୟ କୁହାଯାଏ । ଏହାର ଅର୍ଥ ଉପଯୁକ୍ତ ବା ନିର୍ଦ୍ଦିଷ୍ଟ ସମୟ ବା କାଳ । ସମୟର ପୂର୍ଣ୍ଣତାକୁ ଏହା ବୁଝାଇଥାଏ ।

### ପରିତ୍ରାଣର ମହାଯୋଜନା

**ଗାଲାତୀୟ ୪:୪,୫**
**୪ କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ; ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ,**
**୫ ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ ।**

ପରିତ୍ରାଣ ମହାଯୋଜନାକୁ ଈଶ୍ୱର ଏଦନ ଉଦ୍ୟାନରେ ଘୋଷଣା କରି ନାରୀର ବଂଶ ବିଷୟରେ କହିଥିଲେ । ଏହାର ୪୦୦୦ ବର୍ଷ ପରେ ଈଶ୍ୱର ତାଙ୍କର ଅଦ୍ୱିତୀୟ ପୁତ୍ରଙ୍କୁ ତାଙ୍କର ମୁକ୍ତିକାରୀ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରେରଣ କଲେ । ଏହି ୪୦୦୦ ବର୍ଷଧରି ଈଶ୍ୱର କାର୍ଯ୍ୟରତ ଥିଲେ ଏବଂ ତାଙ୍କର ଲୋକମାନଙ୍କୁ ପ୍ରସ୍ତୁତ କରୁଥିଲେ । ସେ ମଧ୍ୟ ଉପଯୁକ୍ତ ସମୟ ଓ ସ୍ଥାନ ନିରୂପଣ କରୁଥିଲେ । ପ୍ରଭୁ ଯୀଶୁ ମୁକ୍ତିର ମୂଲ୍ୟ ସ୍ୱରୂପେ ଆପଣାକୁ ଉତ୍ସର୍ଗ କଲେ ଏବଂ ଏହା ଉପଯୁକ୍ତ ସମୟରେ ଘୋଷଣା କରାଗଲା (୧ତୀମଥି ୨:୫,୬) ।

### *ଅନନ୍ତ ଉଦ୍ଦେଶ୍ୟ*

**ଏଫିସୀ ୧:୯,୧୦**
**୯ ପୂର୍ବରୁ ସଙ୍କଳ୍ପ କରିଥିବା ଆପଣା ମଙ୍ଗଳମୟ ଇଚ୍ଛାନୁସାରେ ସେ ଆମ୍ଭମାନଙ୍କୁ ଆପଣା ଇଚ୍ଛାର ନିଗୂଢ଼ତତ୍ତ୍ୱ ଜ୍ଞାତ କରାଇଅଛନ୍ତି,**
**୧୦ ଯେପରି କାଳର ପୂର୍ଣ୍ଣତା ସମ୍ବନ୍ଧୀୟ ତାହାଙ୍କ ସଙ୍କଳ୍ପାନୁସାରେ ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କଠାରେ ଏକୀଭୂତ କରିବେ ।**

ଈଶ୍ୱରଙ୍କର ଅନନ୍ତ ଉଦ୍ଦେଶ୍ୟ ମଧ୍ୟ କାଳ ସମ୍ପୂର୍ଣ୍ଣ ହେଲେ ହିଁ କାର୍ଯ୍ୟକାରୀ ହେବ ।

ଆମ ଚିନ୍ତାଧାରାରେ, ଏଥିରେ କାହିଁକି ଏତେ ଲମ୍ବା ସମୟ ଲାଗୁଛି । କିନ୍ତୁ ଈଶ୍ୱର ଭଲଭାବେ ଜାଣନ୍ତି ସେ କ'ଣ କରୁଛନ୍ତି ଏବଂ କେବେ ସେ ବିଭିନ୍ନ ବିଷୟକୁ ସମାପ୍ତ କରିବେ ।

ଆମେ ଦେଖୁ ଯେ ଈଶ୍ୱର ଯେତେବେଳେ ବ୍ୟକ୍ତିବିଶେଷ, ଦଳଗୁଡ଼ିକରେ ବା ଲୋକଙ୍କ ମଧ୍ୟରେ ମୁକ୍ତିର କାର୍ଯ୍ୟ କରନ୍ତି, ଉପଯୁକ୍ତ ସମୟରେ ତାହା କରନ୍ତି, ଯେପରି ଆୟୁବଙ୍କ ଜୀବନରେ (ଯାକୁବ ୫:୭-୧୧), ଯୋଷେଫଙ୍କ ଜୀବନରେ (ଗୀତସଂହିତା ୧୦୫:୧୯) ସେ କରିଥିଲେ । ଈଶ୍ୱର ପ୍ରତ୍ୟେକ ବିଷୟକୁ ତାହାର ସମୟରେ କରିଥାନ୍ତି (ଉପଦେଶକ ୩:୧୧) ।

ପୂର୍ବ ଅଧ୍ୟାୟରେ ଆମେ ଦେଖିଛୁ ଯେ ଈଶ୍ୱର ଆମମାନଙ୍କ ବ୍ୟକ୍ତିଗତ ଜୀବନରେ ତାଙ୍କର ମୁକ୍ତିକାରୀ କାର୍ଯ୍ୟକୁ ପ୍ରକାଶ କରିବାବେଳେ ଆମେ ଧୈର୍ଯ୍ୟଶୀଳ ହେବା ଆବଶ୍ୟକ । ଯେତେବେଳେ ଈଶ୍ୱର ପୁନଃସ୍ଥାପନ କରନ୍ତି, ଯାହା ଭାଙ୍ଗି ଯାଇଛି ତାକୁ ପୁନର୍ବାର ଗଢ଼ନ୍ତି, ଯାହା ହଜି ଯାଇଛି ତାକୁ ପୁନଃପ୍ରାପ୍ତ ହେବା ନିମନ୍ତେ ସାହାଯ୍ୟ କରନ୍ତି, ଆମେ ତାଙ୍କ ସହିତ ମିଶି ସମୟର ସହିତ ଚାଲିବା ଆବଶ୍ୟକ ।

ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଯାହା ଲୋକମାନଙ୍କୁ ପରିତ୍ରାଣ ଆଡ଼କୁ କଢ଼ାଇନିଏ, ଧର୍ମଶାସ୍ତ୍ରରେ ତାହାକୁ ସେମାନଙ୍କର "କୃପାଦୃଷ୍ଟି ଦିନ" କୁହାଯାଏ (୧ପିତର ୨:୧୨) । ଥୁୟତୀରା ମଣ୍ଡଳୀର ଜଣେ ନାରୀ ବିଷୟରେ ପ୍ରଭୁ କହନ୍ତି, "ଆମ୍ଭେ ତାହାକୁ ମନଃପରିବର୍ତ୍ତନ କରିବାକୁ ସମୟ ଦେଲେ ହେଁ ସେ ଆପଣା ବେଶ୍ୟାବୃତ୍ତିରୁ ମନଃପରିବର୍ତ୍ତନ କରିବାକୁ ଇଚ୍ଛୁକ ହେଉ ନାହିଁ" (ପ୍ରକାଶିତ ୨:୨୧) । ଯିରୁଶାଲମ ନଗର ପାଇଁ ପ୍ରଭୁ ଯୀଶୁ କାନ୍ଦିଥିଲେ କାରଣ ଲୋକମାନେ ସେମାନଙ୍କ ଉପରେ "କୃପାଦୃଷ୍ଟିର ସମୟ" ଜାଣି ପାରି ନ ଥିଲେ (ଲୂକ ୧୯:୪୧-୪୪) ।

ଈଶ୍ୱର ଲୋକମାନଙ୍କୁ ସମୟ ଦିଅନ୍ତି ଓ ସେମାନଙ୍କୁ ଆକର୍ଷିତ କରିବା ନିମନ୍ତେ କାର୍ଯ୍ୟ କରନ୍ତି । ସେ ଉପଯୁକ୍ତ ସମୟରେ ସେମାନଙ୍କୁ ପରିଦର୍ଶନ କରନ୍ତି ଏବଂ ବିଭିନ୍ନ ମାର୍ଗରେ ସେମାନଙ୍କୁ ତାଙ୍କ ପ୍ରତି ଆକର୍ଷିତ କରନ୍ତି ।

ସହଶ୍ରମିକ ଭାବରେ ଆମେ ବୁଝିବାକୁ ହେବ ଈଶ୍ୱର କ'ଣ କରୁଛନ୍ତି ଏବଂ ଆମେ ତାହାଙ୍କୁ ଅନୁସରଣ କରି ସେହି କାର୍ଯ୍ୟ କରିବାକୁ ହେବ । ଅଧୈର୍ଯ୍ୟ ହେବାର ପ୍ରଲୋଭନକୁ ଆମେ ଏଡ଼ାଇ ଯିବା ଉଚିତ ଓ ଈଶ୍ୱର ଯାହା କରୁଛନ୍ତି ତାଙ୍କୁ ସେବିଷୟରେ ନିର୍ଦ୍ଦେଶ ନ ଦେଇ ଆମେ କାର୍ଯ୍ୟ କରିବାକୁ ହେବ ।

ଈଶ୍ୱରଙ୍କର ସହଶ୍ରମିକ ଭାବରେ ଆମେ ସ୍ୱୀକାର କରୁ ଯେ କୌଣସି ବିଷୟ ଘଟୁ ନ ଥିବା ଜଣା ଯାଉଥିଲେ ସୁଦ୍ଧା ଈଶ୍ୱର କାର୍ଯ୍ୟ କରି ଚାଲିଛନ୍ତି ।

ଉଦାହରଣ ସ୍ୱରୂପ, ଆପଣ ଯଦି ଈଶ୍ୱରଙ୍କ ସହିତ କାର୍ଯ୍ୟ କରୁଛନ୍ତି ଓ କୌଣସି ଏକ ପରିବାରର ଜଣେ ସଦସ୍ୟର ଜୀବନରେ ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ସଫଳ ହେବା ଦେଖିବାକୁ ଚାହିଁ ରହିଛନ୍ତି, ତେବେ ଏହି ପ୍ରକ୍ରିୟାରେ ସମୟ ଉପାଦାନକୁ ବୁଝନ୍ତୁ। ଯଦିବା ଆଜି ପରିତ୍ରାଣର ଦିନ ଓ ମହାଅନୁଗ୍ରହର ସମୟ (୨କରିନ୍ଥୀୟ ୬:୨), ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ସମୟରେ ଈଶ୍ୱରଙ୍କର ପରିତ୍ରାଣ ପ୍ରାପ୍ତ ହେବେ। ମୁକ୍ତିକାରୀ ପ୍ରକ୍ରିୟା ଚାଲୁ ରହିବା ନିମନ୍ତେ ଈଶ୍ୱରଙ୍କୁ ଓ ଯେଉଁସବୁ ବ୍ୟକ୍ତିଙ୍କ ସଙ୍ଗେ ଆପଣ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସମୟ ଦିଅନ୍ତୁ। ଆପଣ ଜାଣନ୍ତି ଯେ ପ୍ରତିଦିନ ସେହି ମୁହୂର୍ତ୍ତ ପାଖେଇ ଆସୁଛି ଯେତେବେଳେ ସେମାନେ ବ୍ୟକ୍ତିଗତ ଭାବରେ ଖ୍ରୀଷ୍ଟଙ୍କୁ ସାକ୍ଷାତ କରିବେ ଓ ଈଶ୍ୱର ସେମାନଙ୍କ ଜୀବନରେ ମହାନ୍ କାର୍ଯ୍ୟ କରିବେ। ତେବେ ଆପଣ ସେସମୟ ଯାଏଁ କ'ଣ କରିବା ଉଚିତ:

- ସୁଯୋଗ ପାଇଲେ ବିଶ୍ୱାସରେ ସେମାନଙ୍କ ନିକଟରେ ଈଶ୍ୱରଙ୍କ ବାକ୍ୟ ବପନ କରିଚାଲନ୍ତୁ। ବାକ୍ୟବୀଜସବୁ କ'ଣ କରୁଛନ୍ତି ସେଥିପାଇଁ ବୀଜଗୁଡ଼ିକୁ ଖୋଲି ଦେଖନ୍ତୁ ନାହିଁ। ଏହାଦ୍ୱାରା ଆପଣ ବୁଣିଥିବା ବୀଜସବୁ ହୁଏତ ନଷ୍ଟ ହୋଇଯିବେ। ଫଳ ଉତ୍ପାଦନ ପାଇଁ ତାହାଙ୍କ ବାକ୍ୟର ଶକ୍ତିରେ ନିର୍ଭର ରଖନ୍ତୁ।

- ଉକ୍ତ ବ୍ୟକ୍ତି ବିଶେଷ ନିମନ୍ତେ ପ୍ରାର୍ଥନା ଓ ବିଶ୍ୱାସର ଘୋଷଣା କରି ବୀଜଗୁଡ଼ିକୁ ଜଳ ସେଚିତ କରନ୍ତୁ।

- ଉକ୍ତ ବ୍ୟକ୍ତି ବିଶେଷ ନିକଟରେ ଈଶ୍ୱରଙ୍କର ପ୍ରେମ, କରୁଣା ଓ କ୍ଷମା ପ୍ରଦର୍ଶନ କରନ୍ତୁ। ସେମାନେ ଆମ ମଧ୍ୟରେ ଓ ଆମ ଦେଇ ଈଶ୍ୱରଙ୍କ ପ୍ରେମ ଦେଖନ୍ତୁ।

- ସେମାନଙ୍କ ଜୀବନ ଉପରେ ମୁକ୍ତି ଓ ପୁନଃସ୍ଥାପନ ବିଷୟ ପ୍ରଚାର କରନ୍ତୁ। ସେମାନଙ୍କ ଜୀବନ ନିମନ୍ତେ ଈଶ୍ୱରଙ୍କର ଭାବବାଣୀୟ ଭାଗ୍ୟ ପ୍ରକାଶ କରନ୍ତୁ।

ଲୋକମାନଙ୍କ ଜୀବନରେ ଈଶ୍ୱରଙ୍କ ମୁକ୍ତିର କାର୍ଯ୍ୟରେ ତାହାଙ୍କ ସହିତ ଶ୍ରମ କଲେ ଈଶ୍ୱର ଆମ ମଧ୍ୟରେ ବ୍ୟକ୍ତିଗତ ଭାବରେ କାର୍ଯ୍ୟ କରନ୍ତି। ଏହି ପ୍ରକ୍ରିୟାରେ ଈଶ୍ୱରଙ୍କ ବିଷୟରେ ଆମେ ଅନେକ କଥା ଜାଣିଥାଉ। ଅନ୍ୟମାନଙ୍କ ଜୀବନରେ ତାହାଙ୍କ ମୁକ୍ତିର କାର୍ଯ୍ୟ କରିବାକୁ ଚାହିଁଲେ ଆମେ ନିଜକୁ ପରିବର୍ତ୍ତିତ କରିଥାଉ।

ଆମମାନଙ୍କର ବ୍ୟକ୍ତିଗତ ଜୀବନର ପରିସ୍ଥିତିସମୂହରେ ମଧ୍ୟ ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ହେବା ଚାହିଁଲେ ଆମେମାନେ ଆମ ଜୀବନରେ ମଧ୍ୟ ଏହି ସତ୍ୟଗୁଡ଼ିକ ପ୍ରୟୋଗ କରିଥାଉ ।

**ବଳିଦାନ**

ଈଶ୍ୱରଙ୍କ ମୁକ୍ତିକାରୀ ପ୍ରକିୟାର ଦ୍ୱିତୀୟ ମୁଖ୍ୟ ଉପାଦାନ ହେଉଛି ବଳିଦାନ ।

***ଈଶ୍ୱରଙ୍କ ମୁକ୍ତିର ମହାଯୋଜନାରେ ବଳିଦାନ***

ମୁକ୍ତିର ମୂଲ୍ୟ (ବଳିଦାନ) ଦିଆଯାଇ ଥିବାରୁ ମୁକ୍ତି ସମ୍ଭବ ହୋଇଛି ।

ପ୍ରଭୁ ଯୀଶୁ ନିଜେ ମୁକ୍ତିର ମୁଲ୍ୟସ୍ୱରୂପେ ଆପଣାକୁ ହେଲେ ।

**୧ତୀମଥି ୨:୫,୬**

**୫ କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁ, ଜଣେ ମନୁଷ୍ୟ;**

**୬ ସେ ସମସ୍ତଙ୍କ ମୁକ୍ତିର ମୂଲ୍ୟସ୍ୱରୂପେ ଆପଣାକୁ ଦାନ କରି ଯଥାସମୟରେ ସେଥିର ସାକ୍ଷ୍ୟ ଦେଇଅଛନ୍ତି ।**

ଅନ୍ୟର ଭୁଲକାର୍ଯ୍ୟ ଯୋଗୁଁ ବା ଋଣ ଛାଡ଼ କରିବାକୁ ପ୍ରାୟଶ୍ଚିତ ସାଧନାର୍ଥେ ବଳିଦାନ ଆବଶ୍ୟକ ହୋଇଥାଏ । ଏହି ପ୍ରାୟଶ୍ଚିତ ଯୋଗୁଁ ମୁକ୍ତି ସମ୍ଭବ ହୋଇଥାଏ ।

***ମୁକ୍ତି ନିମନ୍ତେ ବଳିଦାନର ଆବଶ୍ୟକତା ସମ୍ବନ୍ଧୀୟ ପୁରାତନ ନିୟମର ଶିକ୍ଷା***

ମୁକ୍ତିକର୍ତ୍ତା-ଜ୍ଞାତିଠାରେ ଏହି ବଳିଦାନ ବା ତ୍ୟାଗ ଦେଖାଯାଏ । ଜଣେ ବ୍ୟକ୍ତି ଯଦି ଋଣ କରିଥାଏ, ମୁକ୍ତିକର୍ତ୍ତା-ଜ୍ଞାତି ତାକୁ ମୁକ୍ତ କରିବାପାଇଁ ମୁକ୍ତିର ମୂଲ୍ୟ ଦେଇଥାଏ ।

ପୁରାତନ ନିୟମରେ ସବୁପ୍ରକାର ରୀତିନୀତିଯୁକ୍ତ ବଳିଦାନ (ଉଦାହରଣ - ହୋମ ବଳି) ପ୍ରାୟଶ୍ଚିତ ସାଧନ କରୁଥିଲା । ଲେବୀ ୧୬ ରେ ବର୍ଣ୍ଣିତ ପ୍ରାୟଶ୍ଚିତ ଦିବସ (Yom Kippur) ଖ୍ରୀଷ୍ଟଙ୍କ ମୁକ୍ତିର କାର୍ଯ୍ୟକୁ ସୂଚାଉଥିଲା ।

ମଧ୍ୟସ୍ଥି ପ୍ରାର୍ଥନା, ଉପାସନା ଭଳି ଆତ୍ମିକ ବଳି ମଧ୍ୟ ମୁକ୍ତିର ମୂଲ୍ୟ ଅଟେ, ଯାହା ପୁରାତନ ନିୟମରେ ବର୍ଣ୍ଣିତ ମୁକ୍ତି ନିମନ୍ତେ ଦିଆଯାଉଥିବା ମୂଲ୍ୟ ସଙ୍ଗେ ତୁଳନୀୟ ।

ମୁକ୍ତି ନିମନ୍ତେ ଏକ ମୂଲ୍ୟ ଯେ ଦେବା ଆବଶ୍ୟକ ଏହା ବାଇବଲର ସର୍ବପ୍ରାଚୀନ ଆୟୁବ ପୁସ୍ତକରେ ମଧ୍ୟ କୁହାଯାଇଛି ।

**ଆୟୁବ ୩୩:୨୩,୨୪**
**୨୩ ଯେବେ ମନୁଷ୍ୟକୁ ତାହାର କର୍ତ୍ତବ୍ୟତା ଦେଖାଇବା ପାଇଁ ତାହା ସଙ୍ଗେ ଜଣେ ଦୂତ, ସହସ୍ର ମଧ୍ୟରୁ ଜଣେ ଅର୍ଥକାରକ ଥାଏ;**
**୨୪ ତେବେ ସେ ତାହାକୁ କୃପା କରି କହିବେ, ଗର୍ତ୍ତଗମନରୁ ତାହାକୁ ଉଦ୍ଧାର କର, ମୁଁ ପ୍ରାୟଶ୍ଚିତ୍ତ ପାଇଅଛି ।**

ଆୟୁବ ଯେତେବେଳେ ଦୁଃଖଭୋଗ କରୁଥିଲେ, ସେ ଜଣେ ନିବେଦନକାରୀକୁ ଆବଶ୍ୟକ କରୁଥିଲେ, ଯେ କି ଈଶ୍ୱରଙ୍କ ଛାମୁରେ ଠିଆ ହୋଇ ତାଙ୍କ ନିମନ୍ତେ ମଧ୍ୟସ୍ଥି ଭାବରେ ନିବେଦନ କରି ତାଙ୍କୁ ମୁକ୍ତ କରିବ ।

**ଆୟୁବ ୯ :୩୨ ,୩୩**
**୩୨ କାରଣ ସେ ମୋ' ପରି ମନୁଷ୍ୟ ନୁହନ୍ତି ଯେ, ମୁଁ ତାହାଙ୍କୁ ଉତ୍ତର ଦେବି ଓ ଆମ୍ଭେମାନେ ଏକତ୍ର ବିଚାର ସ୍ଥାନକୁ ଆସିବା ।**
**୩୩ ଆମ ଦୁହିଁଙ୍କ ଉପରେ ହସ୍ତାର୍ପଣ କରିବାକୁ ସମର୍ଥ କୌଣସି ମଧ୍ୟସ୍ଥ ଆମ୍ଭମାନଙ୍କ ମଧ୍ୟରେ ନାହିଁ ।**

**ଆୟୁବ ୧୬:୨୧**
**ଯେପରି ସେ ପରମେଶ୍ୱରଙ୍କ ନିକଟରେ ମନୁଷ୍ୟର ଓ ପ୍ରତିବାସୀ ନିକଟରେ ମନୁଷ୍ୟପୁତ୍ରର ନ୍ୟାୟ ରକ୍ଷା କରିବେ ।**

ମୋଶା ଈଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ନିବେଦନ କରିଥିଲେ, ଫଳରେ ଈଶ୍ୱର ସେମାନଙ୍କୁ ମୁକ୍ତ କରି କଢ଼ାଇ ନେଇଥିଲେ, ଯଦିବା ଅନେକ ସମୟରେ ସେମାନେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହାଚରଣ କରିଥିଲେ ।

**ଗୀତସଂହିତା ୧୦୬:୨୩**
**ଏହେତୁ ସେ ସେମାନଙ୍କୁ ସଂହାର କରିବେ ବୋଲି କହିଲେ, ମାତ୍ର ସେ ଯେପରି ସେମାନଙ୍କୁ ସଂହାର ନ କରିବେ, ଏଥିପାଇଁ ତାହାଙ୍କ କୋପ ଫେରାଇବା ନିମନ୍ତେ ତାହାଙ୍କ ମନୋନୀତ ମୋଶା ଭଗ୍ନସ୍ଥାନରେ ତାହାଙ୍କ ସମ୍ମୁଖରେ ଠିଆ ହେଲେ ।**

### *ଖ୍ରୀଷ୍ଟଙ୍କ ବ୍ୟବସ୍ଥାକୁ ବିତରଣ କରିବା*

ପ୍ରଭୁ ଯୀଶୁ ସମୁଦାୟ ମାନବଜାତିକୁ ପରିତ୍ରାଣ (ମୁକ୍ତି) ଉପଲବ୍ଧ କରାଇଛନ୍ତି । ତଥାପି, ଯାହା ଉପଲବ୍ଧ ଅଛି, ତାହା ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମେ ତାଙ୍କର ଏଜେଣ୍ଟ ବା ପ୍ରତିନିଧି ଅଟୁ ଯେପରି ସେମାନେ ବ୍ୟକ୍ତିଗତରୂପେ ମୁକ୍ତିକୁ ଅନୁଭବ କରନ୍ତି । ତାହାଙ୍କ ମୁକ୍ତିକାରୀ ପ୍ରକ୍ରିୟାରେ ଆମେ ସହ ଶ୍ରମିକ ହୋଇଥିବାରୁ, ତ୍ୟାଗ ନିମନ୍ତେ ଆମେ

ପ୍ରସ୍ତୁତ ରହିବା ଆବଶ୍ୟକ । ଏହି ତ୍ୟାଗ ବା ବଳିଦାନ କହିଲେ ପ୍ରାର୍ଥନା, ନିବେଦନ କରିବା, ଆର୍ଥିକ ସାହାଯ୍ୟ ଦେବା, ଅପହଞ୍ଚ ଓ କଷ୍ଟକର ସ୍ଥାନଗୁଡ଼ିକୁ ଯିବା, ବିଳାସବ୍ୟସନରୁ ଦୂରେଇ ରହିବା, ଏବଂ ଅନ୍ୟାନ୍ୟ ମୂଲ୍ୟ ଦେବାକୁ ବୁଝାଏ ।

ଏଠାରେ ଆମେ ମଧ୍ୟବର୍ତ୍ତୀ ପ୍ରାର୍ଥନାର ଭୂମିକା ଉପରେ ଗୁରୁତ୍ୱ ଆରୋପ କରୁଛୁ । ଯେଉଁମାନେ ରକ୍ଷାପ୍ରାପ୍ତ ନୁହନ୍ତି ସେମାନଙ୍କ ପରିତ୍ରାଣ ନିମନ୍ତେ ନିବେଦନ କରିବା, ଖ୍ରୀଷ୍ଟଙ୍କ ପରିତ୍ରାଣର ବ୍ୟବସ୍ଥାକୁ ବିତରଣ କରିବା ପ୍ରକିୟାର ଏକ ଅଂଶ ବିଶେଷ ।

ଖ୍ରୀଷ୍ଟ କ୍ରୁଶରେ ବଳିଦାନ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ନିବେଦନ କଲେ (ଯିଶାଇୟ ୫୩:୧୨), ଯାହା ମଧ୍ୟବର୍ତ୍ତୀ ପ୍ରାର୍ଥନା ଅଟେ ।

ମଧ୍ୟବର୍ତ୍ତୀ ପ୍ରାର୍ଥନା ପରି ଆତ୍ମିକ ବଳିସବୁ ଈଶ୍ୱରଙ୍କର ମୁକ୍ତିକାରୀ ପ୍ରକ୍ରିୟାର ମୁଖ୍ୟ ଉପାଦାନ ଅଟେ । ସେ ମୁକ୍ତି ଦେଇଥାନ୍ତି କାରଣ ସେ ମୁକ୍ତିର ମୂଲ୍ୟ ପାଇଛନ୍ତି, ଏଥିପାଇଁ ବଳି ଉତ୍ସର୍ଗ କରାଯାଇଛି, ଓ ଜଣେ ନିବେଦନକାରୀ ରହିଛନ୍ତି । ତେଣୁ କରି, ଆପଣ ଯଦି କାହା ନିମନ୍ତେ ନିବେଦନ କରୁଛନ୍ତି ତେବେ ସେଥିଯୋଗୁଁ ସେମାନଙ୍କ ମଧ୍ୟରେ ଈଶ୍ୱର ତାଙ୍କର ମୁକ୍ତିକାରୀ କାର୍ଯ୍ୟ କରିଥାନ୍ତି ।

ଏହାର ଅର୍ଥ ନୁହେଁ ଯେ ସେମାନଙ୍କର ମୁକ୍ତିର ମୂଲ୍ୟ ଆମେ ଦେଉଛୁ । ଏକମାତ୍ର ସମ୍ପୂର୍ଣ୍ଣ ବଳିଦାନ ହୋଇଯାଇଛି, ଯଦ୍ଦ୍ୱାରା ଖ୍ରୀଷ୍ଟ ଏହି ମୂଲ୍ୟ ଦେଇସାରିଛନ୍ତି । ଏହା ପରିବର୍ତ୍ତେ, ଈଶ୍ୱରଙ୍କର ମୁକ୍ତିକାରୀ ପ୍ରକ୍ରିୟାରେ ସହଶ୍ରମିକରୂପେ ଆମେ ଆମର କାର୍ଯ୍ୟ କରୁଛୁ, ଆତ୍ମିକ ବଳି ଉତ୍ସର୍ଗ କରୁଛୁ, ଯେପରି କି ଲୋକମାନେ ସେମାନଙ୍କ ନିକଟରେ ଉପଲବ୍ଧ ପରିତ୍ରାଣକୁ ଅନୁଭବ ଓ ଗ୍ରହଣ କରିବେ (କଲସୀୟ ୧:୨୪,୨୫ରେ ପାଉଲ ଯାହା କହନ୍ତି, ତାହା ପାଠ କରନ୍ତୁ) । ଆମର ବଳିଦାନ ହେତୁ ନୁହେଁ, ମାତ୍ର ଯୀଶୁ ସେମାନଙ୍କ ନିମନ୍ତେ ଯାହା ସାଧନ କରିଛନ୍ତି, ସେଥିହେତୁ ସେମାନେ ରକ୍ଷା ପାଆନ୍ତି । ଆମେ କେବଳ ଈଶ୍ୱରଙ୍କର ମୁକ୍ତିକାରୀ ପ୍ରକ୍ରିୟାରେ ସହଶ୍ରମିକ ଭାବରେ ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଜଣାଇଥାଉ ଯେ ଈଶ୍ୱର ସେମାନଙ୍କୁ ମୁକ୍ତ କରିବାକୁ ଚାହାନ୍ତି ।

ପ୍ରାର୍ଥନା, ଉପାସନା, ନିବେଦନ, ଇତ୍ୟାଦି ଆତ୍ମିକ ବଳି ଉତ୍ସର୍ଗ କରିବା ଦ୍ୱାରା ଆପଣଙ୍କ ଜୀବନରେ ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ସାଧିତ ହେବା ନିମନ୍ତେ ସେସବୁ ଆପଣଙ୍କୁ ପ୍ରସ୍ତୁତ କରିଥାଏ । ଆପଣଙ୍କ ନିମନ୍ତେ ଯଦି ଅନ୍ୟମାନେ ଆତ୍ମିକ ବଳିସବୁ ଉତ୍ସର୍ଗ କରନ୍ତି, ତାହା ବି ଶକ୍ତିଯୁକ୍ତ ହୋଇଥାଏ ।

ସେହିପରି, ଆମ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ନିକଟରେ ଈଶ୍ୱରଙ୍କର ମୁକ୍ତିକାରୀ କାର୍ଯ୍ୟ ପହଞ୍ଚାଇବାକୁ ହେଲେ ଈଶ୍ୱରଙ୍କର ସହଶ୍ରମିକ ଭାବରେ ସେମାନଙ୍କ ପକ୍ଷରୁ ଆମେ ଆତ୍ମିକ ବଳିସବୁ ଉତ୍ସର୍ଗ କରିବାକୁ ହୋଇଥାଏ । ଆମେ ମଧ୍ୟ ତ୍ୟାଗ ସ୍ୱୀକାର କରି ସେମାନଙ୍କ ନିକଟରେ ପହଞ୍ଚିଥାଉ ଓ ସେମାନଙ୍କ ମଧ୍ୟରେ ସେବାକାର୍ଯ୍ୟ କରିଥାଉ ।

**ପାପକ୍ଷମା**

ଈଶ୍ୱରଙ୍କ ମୁକ୍ତିକାରୀ ପ୍ରକ୍ରିୟାର ପରବର୍ତ୍ତୀ ମୁଖ୍ୟ ଉପାଦାନ ପାପକ୍ଷମା ଅଟେ ।

**ଏଫିସୀୟ ୧ :୭**
**ତାହାଙ୍କ ଅନୁଗ୍ରହରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧସବୁର କ୍ଷମା ପ୍ରାପ୍ତ ହୋଇଅଛୁ ।**

ଈଶ୍ୱର ତାହାଙ୍କ ପୁତ୍ରଙ୍କ ଦେଇ ଆମମାନଙ୍କୁ ଯେଉଁ କ୍ଷମା ପ୍ରଦାନ କରନ୍ତି ତାହାକୁ ଆମେ ବ୍ୟକ୍ତିଗତରୂପେ ଗ୍ରହଣ କରିବାକୁ ହେବ । ଆମର ସବୁଠୁ ବଡ଼ ସମସ୍ୟା ହେଉଛି ଯେ ଆମେ ବୌଦ୍ଧିକ ଭାବରେ ବୁଝିପାରିଥାଉ ଯେ ଈଶ୍ୱର ଆମକୁ କ୍ଷମା ଦିଅନ୍ତି, କିନ୍ତୁ ଆମେ ନିଜକୁ କ୍ଷମାପ୍ରାପ୍ତ ବ୍ୟକ୍ତିରୂପେ ଦେଖି ପାରି ନ ଥାଉ ବା ବେଳେବେଳେ ଆମେ ଯାହା ଯାହା ଭୁଲ କରୁ ନିଜକୁ ନିଜେ କ୍ଷମା ଦେଇଦେଉ । ଏହା ସତ୍ୟ ଯେ ଆମେ ବହୁତ କିଛି ଭୁଲଭ୍ରାନ୍ତି କରି ବର୍ତ୍ତମାନ ରହିଥିବା ସ୍ଥାନରେ ପହଞ୍ଚିଛୁ । ତଥାପି, ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରି ଓ ତାହାଙ୍କ ମୁକ୍ତିକାରୀ ରକ୍ତର ଶକ୍ତିରେ, ଆମେ କ୍ଷମା ପାଇ ସାରିଛୁ । ତେଣୁ, ଆମେ ଅପରାଧ ବୋଧ, ଲଜ୍ଜା ଓ ଦଣ୍ଡାଜ୍ଞା ବୋଧ ନ ଥାଇ ମୁକ୍ତ ଭାବରେ ଚାଲିପାରିବା ।

ବେଳେବେଳେ ଅନ୍ୟମାନେ ଆମ ବିରୁଦ୍ଧରେ ଯେଉଁସବୁ ଭୁଲ କରନ୍ତି ତାହା ଆମକୁ ସମସ୍ୟାଗ୍ରସ୍ତ କରିଥାଏ । ଆମେ ଯେପରି କ୍ଷମା ପାଇଛୁ ଆମ ପ୍ରତି ଭୁଲ କରିଥିବା ଲୋକମାନଙ୍କୁ ମଧ୍ୟ ଆମେ କ୍ଷମା ଦେବା ଆବଶ୍ୟକ । ସେମାନଙ୍କ ବିରୁଦ୍ଧରେ କୌଣସି ବିଷୟ ଧରି ରହିବାର ଅଧିକାର ଆମର ନାହିଁ । କ୍ଷମା ଦେବାରେ ମହାଶକ୍ତି ରହିଛି । ସ୍ତିଫାନ ତାଙ୍କୁ ପଥର ଫୋପାଡୁଥିବା ଲୋକମାନଙ୍କ କାର୍ଯ୍ୟକୁ ତଦାରଖ କରୁଥିବା ଶାଉଲଙ୍କୁ କ୍ଷମା ଦେଇଥିଲେ । ଏହା ପରେ ଆମେ ଦେଖୁ ଯୀଶୁଙ୍କ ସଙ୍ଗେ ଶାଉଲଙ୍କର ଆକସ୍ମିକ ଭେଟ ହୋଇଥିଲା ।

ସେହିପରି, ଯେଉଁ ଲୋକମାନଙ୍କ ଜୀବନରେ ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ ଦେଖିବା ନିମନ୍ତେ ଆମେ କାର୍ଯ୍ୟ କରିଥାଉ, ସେମାନଙ୍କ ଜୀବନରେ ଈଶ୍ୱରଙ୍କର କ୍ଷମାର ନିଶ୍ଚିତତା ସମ୍ପର୍କରେ ସେମାନଙ୍କୁ କହିବା ଆବଶ୍ୟକ । ଆମେ ସେମାନଙ୍କୁ ଜଣାଇବା ଯେ ସେମାନେ ଖ୍ରୀଷ୍ଟଙ୍କଠାରେ ପରିଷ୍କୃତ, ଧାର୍ମିକ ଗଣିତ ଓ ପବିତ୍ରୀକୃତ ହୋଇଛନ୍ତି (୧କରିନ୍ଥୀୟ ୬:୧୧) ଏବଂ ସେମାନଙ୍କ ବିରୁଦ୍ଧରେ ଆଉ ଈଶ୍ୱର ଦୋଷାରୋପ କରିବେ ନାହିଁ ।

ଯେଉଁ ସମ୍ପ୍ରଦାୟ ଲୋକମାନଙ୍କୁ ମୁକ୍ତିପ୍ରାପ୍ତ ଦେଖିଥାଏ ଓ ସେମାନଙ୍କୁ ମୁକ୍ତିପ୍ରାପ୍ତ ଲୋକଙ୍କ ପରି ବ୍ୟବହାର ଦେଖାଇଥାଏ ସେମାନଙ୍କ ସମ୍ପ୍ରଦାୟ ନିକଟକୁ ସେହି ଲୋକମାନଙ୍କୁ ନେଇ ଆସିବା ଈଶ୍ୱରଙ୍କ ମୁକ୍ତିକାରୀ ପ୍ରକ୍ରିୟାର ଏକ ଅଂଶବିଶେଷ । କରିନ୍ଥୀୟ ମଣ୍ଡଳୀର ଜଣେ ବ୍ୟକ୍ତି ବ୍ୟଭିଚାରରେ ଲିପ୍ତ ଥିଲା ଏବଂ ସେ ଅନୁତପ୍ତ ହୋଇ ଫେରି ଆସିବାରୁ ତାକୁ କ୍ଷମାପ୍ରାପ୍ତ ବ୍ୟକ୍ତି ଭାବରେ ମଣ୍ଡଳୀରେ ଗ୍ରହଣ କରାଗଲା ।

**୨କରିନ୍ଥୀୟ ୨:୬-୧୧**

**୬ ଅଧିକାଂଶଙ୍କ ଦ୍ୱାରା ଏପରି ଲୋକ ଯେଉଁ ଶାସ୍ତି ପାଇଅଛି, ତାହା ତାହା ପକ୍ଷରେ ଯଥେଷ୍ଟ,**
**୭ ଏଣୁ କାଳେ ଏପରି ଲୋକ ଅତିରିକ୍ତ ଦୁଃଖରେ ବୁଡ଼ିଯାଏ, ଏଥିପାଇଁ ତୁମ୍ଭେମାନେ ତାହାକୁ ବରଂ କ୍ଷମା କର ଓ ସାନ୍ତ୍ୱନା ଦିଅ ।**
**୮ ଅତଏବ, ତାହା ପ୍ରତି ପ୍ରେମ ବ୍ୟବହାର ସ୍ଥାପନ କରିବାକୁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି ।**
**୯ କାରଣ ତୁମ୍ଭେମାନେ ସମସ୍ତ ବିଷୟରେ ଯେ ବାଧ୍ୟ ଅଟ, ତୁମ୍ଭମାନଙ୍କ ବିଷୟରେ ସେଥିର ପ୍ରମାଣ ଯେପରି ମୁଁ ପାଏ, ଏହି ଉଦ୍ଦେଶ୍ୟରେ ମଧ୍ୟ ଲେଖିଥିଲି ।**
**୧୦ କିନ୍ତୁ ତୁମ୍ଭେମାନେ ଯାହାର କିଛି କ୍ଷମା କର, ମୁଁ ମଧ୍ୟ ତାହାକୁ କ୍ଷମା କରେ; କାରଣ ମୁଁ ଯଦି କିଛି କ୍ଷମା କରିଅଛି, ତେବେ ଯାହା କ୍ଷମା କରିଅଛି, ତାହା ଖ୍ରୀଷ୍ଟଙ୍କ ସାକ୍ଷାତରେ ତୁମ୍ଭମାନଙ୍କ ସକାଶେ କ୍ଷମା କରିଅଛି,**
**୧୧ ଯେପରି ଶୟତାନ ଆମ୍ଭମାନଙ୍କର ଅପକାର କରିବାକୁ ସୁଯୋଗପ୍ରାପ୍ତ ନ ହୁଏ । କାରଣ ଆମ୍ଭେମାନେ ତା'ର ସମସ୍ତ କଳ୍ପନା ସମ୍ବନ୍ଧରେ ଅଜ୍ଞ ନୋହୁ ।**

ଫିଲୀମୋନ ପୁସ୍ତକରେ ଜଣେ ପଳାୟନକାରୀ କ୍ରୀତଦାସ ଅନୀସିମର କାହାଣୀ ରହିଛି । ସେ ତା'ର କର୍ତ୍ତା ଫିଲୀମୋନ ନିକଟରୁ ଚୋରୀ କରି ପଳାୟନ କରିଥିଲା । ଫିଲୀମୋନ କଲସୀ ମଣ୍ଡଳୀର ଜଣେ ବିଶ୍ୱାସୀ ଓ ପାଉଲଙ୍କର ଜଣେ ସହକର୍ମୀ ଥିଲେ । ଅନୀସିମ ପଳାୟନ କରି ଦୈବାତ୍ ରୋମ୍‌ର କାରାଗାରରେ ପାଉଲଙ୍କୁ ଭେଟିଲେ । ପାଉଲ ତାକୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେଲେ ଓ ତାକୁ ପୁନର୍ବାର ଫିଲୀମୋନଙ୍କ ନିକଟକୁ ଏକ ପତ୍ର

ଲେଖି ପଠାଇଦେଲେ । ଏହା ଏକ ସୁନ୍ଦର କାହାଣୀ ଯହିଁରେ ପାଉଲ ଫିଲୀମୋନଙ୍କୁ ଅନୁରୋଧ କରିଛନ୍ତି ଯେପରି କି ସେ ଅନୀସିମକୁ ଗ୍ରହଣ କରନ୍ତି;

**ଫିଲୀମୋନ ୧:୧୨,୧୬,୧୭**
**୧୨ ସେ ତ ମୋହର ହୃଦୟସ୍ୱରୂପ; ମୁଁ ତାହାକୁ ତୁମ୍ଭ ନିକଟକୁ ଫେରାଇ ପଠାଉଅଛି ।**
**୧୬ ବିଶେଷରେ ସେ ମୋହର ଜଣେ ପ୍ରିୟ ଭ୍ରାତା, ଅତଏବ, ଶରୀରରେ ଓ ମଧ୍ୟ ପ୍ରଭୁଙ୍କଠାରେ ତୁମ୍ଭ ପ୍ରତି ଅବା କେତେ ଅଧିକ ପ୍ରିୟ ନ ହେବ ।**
**୧୭ ଏଣୁ ଯଦି ତୁମ୍ଭେ ମୋତେ ଜଣେ ସହଭାଗୀ ବୋଲି ମନେ କର, ତାହାହେଲେ ମୋତେ ଗ୍ରହଣ କଲା ପରି ତାହାକୁ ଗ୍ରହଣ କର ।**

ଆମେ ଯଦି ଏକ ଗୋଷ୍ଠୀ ଭାବରେ ଜଗତରେ ଈଶ୍ୱରଙ୍କର ମୁକ୍ତିକାରୀ ପ୍ରକ୍ରିୟାରେ ତାଙ୍କର ସହଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଚାହୁଁ, ତେବେ ଆମେ କ୍ଷମାଦେବାର ଶକ୍ତିକୁ ଅଭ୍ୟାସ କରବାକୁ ହେବ । କ୍ଷମାଦେବାର ଅର୍ଥ ଆମେ ସେମାନଙ୍କ ବିରୁଦ୍ଧରେ କୌଣସି ପାପ ଧରି ରଖିବା ନାହିଁ । ଆମେ ସେମାନଙ୍କୁ ଆଉ ଦଣ୍ଡନୀୟ ବୋଲି ବିଚାର କରି ନ ଥାଉ । ଆମେ ଯେଉଁ ସ୍ୱାଧୀନତା ଓ ମୁକ୍ତି ପାଇଛୁ ସେଥିଯୋଗୁଁ ଆନନ୍ଦ କରୁ ଓ ସେଥିହେତୁ ଈଶ୍ୱରଙ୍କ ଛାମୁରେ ଓ ପରସ୍ପର ନିକଟରେ ଆମେ ଠିଆ ହୋଇ ପାରୁଛୁ ।

### ପୁନଃସ୍ଥାପନ

ଈଶ୍ୱରଙ୍କ ମୁକ୍ତିକାରୀ ପ୍ରକ୍ରିୟାର ଚତୁର୍ଥ ମୁଖ୍ୟ ଉପାଦାନ ପୁନଃସ୍ଥାପନ ଅଟେ ।

ଈଶ୍ୱର ଆପଣା ମୁକ୍ତିକାରୀ ହୃଦୟରେ ବିଭିନ୍ନ ବିଷୟ ଯେପରି ହେବା ଉଚିତ ସେପରି ଭାବରେ ଦେଖନ୍ତି, ସେସବୁର ବର୍ତ୍ତମାନ ସ୍ଥିତିକୁ ଦେଖି ନ ଥାନ୍ତି । ମୁକ୍ତିକାରୀ ଚକ୍ଷୁ ସର୍ବଦା ଆଶାର ଚକ୍ଷୁରେ ଦେଖିଥାଏ । ମୁକ୍ତିକାରୀ ଚକ୍ଷୁ ଭବିଷ୍ୟତକୁ ଦେଖିଥାଏ ଓ ତାହା ଯେପରି ବାସ୍ତବତାରେ ପରିଣତ ହେବ ସେଥିପାଇଁ କାର୍ଯ୍ୟ କରିଥାଏ । ମୁକ୍ତିକାରୀ ଚକ୍ଷୁ ବର୍ତ୍ତମାନ ସମୟର ଛାରଖାର ଅବସ୍ଥାକୁ ଦେଖି ଝାପ୍‌ସା ହୋଇ ନ ଥାଏ ।

ପୁନଃସ୍ଥାପନ ମଧ୍ୟ ଏକ ପ୍ରକ୍ରିୟା, ଯହିଁରେ ଈଶ୍ୱର ବିଷୟସବୁକୁ ମୂଳ ଅବସ୍ଥାକୁ ଫେରାଇ ନିଅନ୍ତି ଏବଂ ଉଚ୍ଚତର ସ୍ଥାନକୁ, ଆମେ କେବେ ଜାଣି ନ ଥିବା ଅତ୍ୟୁତ୍ତମ ସ୍ଥାନକୁ ନେଇଯାଆନ୍ତି ।

ପୁନଃସ୍ଥାପନ ନିମନ୍ତେ ଆମେ ଈଶ୍ୱରଙ୍କଠାରେ ବିଶ୍ୱାସ କରିବାକୁ ହେବ ଏବଂ ଆମ ଜୀବନରେ ତଥା ଆମ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ଜୀବନରେ ଏହା ଯେପରି ସାଧିତ ହେବ ସେଥିନିମନ୍ତେ ଆମେ କାର୍ଯ୍ୟ କରିବାକୁ ହେବ । ପୁନଃସ୍ଥାପନ ଦେଖିବାକୁ ହେଲେ ଆମେ ବିଶ୍ୱାସର ଚକ୍ଷୁରେ ଦେଖିବାକୁ ହେବ ଓ ବିଶ୍ୱାସରେ ଏହି ଦିଗରେ ଅଗ୍ରସର ହେବାକୁ ହେବ ।

ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟ  
ଯାହା ହଜିଛି ତାକୁ ଖୋଜି ବାହାର କରେ,  
ଯାହ ନଷ୍ଟ ହୋଇଛି ତାକୁ ପୂର୍ବ ସ୍ଥିତିକୁ ଆଣେ,  
ଯାହା ଧ୍ୱଂସ ପ୍ରାପ୍ତ ତାକୁ ପୁନଃସ୍ଥାପିତ କରେ,  
ଯାହା ବନ୍ଧନ ମଧ୍ୟରେ ଅଛି ତାକୁ ମୁକ୍ତ କରେ,  
ଯାହା ଭୂମିସାତ୍ ହୋଇଛି ତାକୁ ପୁନଃନିର୍ମାଣ କରେ,  
ଯାହା ବିକୃତ ହୋଇଛି ତାକୁ ସୁନ୍ଦର କରେ,  
ଯାହା ଆଘାତପ୍ରାପ୍ତ ତାକୁ ସୁସ୍ଥ କରେ,  
ଯାହା ଜୀର୍ଣ୍ଣ ହୋଇଛି ତାକୁ ନୂତନୀକରଣ କରେ,  
ଯାହା ମୁମୂର୍ଷୁ ତାକୁ ଜାଗରିତ କରେ,  
ଯାହା ମୃତ ତାକୁ ପୁନର୍ଜୀବିତ କରେ ।

## ବ୍ୟକ୍ତିଗତ ପ୍ରୟୋଗ

୧. ଆପଣଙ୍କ ଜୀବନରେ କୌଣସି ଏକ ବ୍ୟକ୍ତିଗତ ପରିସ୍ଥିତିର ମୁକ୍ତି ନିମନ୍ତେ ଚାରୋଟି ମୁଖ୍ୟ ଉପାଦାନ, ଯଥା: ସମୟ, ବଳିଦାନ, ପାପକ୍ଷମା ଓ ପୁନଃସ୍ଥାପନକୁ ବିଚାରକୁ ନେଇ ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟରେ ତାଙ୍କ ସଙ୍ଗେ କିପରି ନିଜକୁ ନିୟୋଜିତ କରିବେ ?

୨. ଆପଣ ଯେଉଁମାନଙ୍କ ନିକଟରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କର ଜୀବନର ପରିସ୍ଥିତିର ମୁକ୍ତି ନିମନ୍ତେ, ଚାରୋଟି ମୁଖ୍ୟ ଉପାଦାନ, ଯଥା: ସମୟ, ବଳିଦାନ, ପାପକ୍ଷମା ଓ ପୁନଃସ୍ଥାପନକୁ ବିଚାରକୁ ନେଇ ଈଶ୍ୱରଙ୍କ ମୁକ୍ତିକାରୀ କାର୍ଯ୍ୟରେ ତାଙ୍କ ସଙ୍ଗେ କିପରି ନିଜକୁ ନିୟୋଜିତ କରିବେ ?

# ଯୀଶୁ ମୁକ୍ତିଦାତା ! ଯୀଶୁ ମୁକ୍ତିଦାତା !

ଶୁଣିଅଛୁ ଏହି ଆନନ୍ଦର ଧ୍ୱନି: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!
କୁହ ଏ ବାରତା ସବୁସ୍ଥାନେ ଯାଇ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!
ଏ ସମ୍ବାଦ ନେଇ ଯାଅ ସବୁ ଦେଶେ: ଲଂଘି ଗିରି ଆଉ ଲହରୀକୁ ଡ଼େଇଁ;
ପ୍ରଭୁଙ୍କ ଆଦେଶ – 'ଆଗ ବଢ଼ି ଯାଅ'; ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!

ଅଶାନ୍ତ ଲହରୀ ଉପରେ ଶୁଣାଅ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!
ପାଖର ଦୂରର ପାପୀଙ୍କି ଶୁଣାଅ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!
ସାଗରର ଦ୍ୱୀପପୁଞ୍ଜ ତୁମେ ଗାଅ, ପ୍ରତିଧ୍ୱନି କର ବାରିଧି ଗହ୍ୱର;
ଆନନ୍ଦ ଉଲ୍ଲାସ କରୁ ଏ ପୃଥିବୀ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!

ଯୁଦ୍ଧ ବିବାଦର ଉର୍ଦ୍ଧ୍ୱେ ଉଠି ଗାଅ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!
ତାଙ୍କ ମୃତ୍ୟୁ, ଅନନ୍ତ ଜୀବନ ହେତୁ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!
ଉଦାସ ପରାଣ ଯେବେ ଖୋଜେ ଦୟା, ତେଜ ସ୍ୱରେ ତୁମେ କର ଏ ଘୋଷଣା;
କବର ଉପରେ କର ଜୟଗାନ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!

ଶକ୍ତିଭରା ସ୍ୱରେ ଗାନ କରୁ ବାୟୁ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!
ଜାତିଗଣ ଏବେ ଆନନ୍ଦ କରନ୍ତୁ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!
ସୁଉଚ୍ଚ ପର୍ବତ ସୁଗଭୀର ଗର୍ତ୍ତ କୁହ: ପରିତ୍ରାଣ ସମ୍ପୂର୍ଣ୍ଣ ଓ ମୁକ୍ତ;
ଏହା ଅଟେ ଆମ ବିଜୟର ଗୀତ: ଯୀଶୁ ମୁକ୍ତିଦାତା! ଯୀଶୁ ମୁକ୍ତିଦାତା!

*-ପ୍ରିସ୍କିଲା ଜେ. ଓଏନ୍ସ, ୧୮୨୯-୧୯୦୭*
*(୪୯ବର୍ଷ ଧରି ଶିକ୍ଷକତା କରିଥିଲେ)*

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆସ୍ମମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚର୍ ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା -

Account Name : All Peoples Church
Account Number : 0057213809
IFSC Code : CITI0000004
Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses-Don't Take Them*
Open Heavens
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God*
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ଼୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

## ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ। ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ। ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି। ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)

ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)

ଆତ୍ମାଙ୍କ ଦାନସକଳ (Gifts of the Spirit)

ପ୍ରାର୍ଥନା ଓ ନିବେଦନ (Prayer & Intercession)

ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)

ଜୀବନଶୈଳୀ ସୁସମାଚାର (Lifestyle Evangelism)

ଈଶ୍ୱରଙ୍କ କାର୍ଯ୍ୟ (God at Work)

ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)

ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିରର ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂଶ୍ଳିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ-

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**

ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

# ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ “All Peoples Church Bangalore” ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ

Available on the App Store

ANDROID APP ON Google play




### ଏଥିରେ ଥିବା ସୁବିଧାଗୁଡ଼ିକ:

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| Wire Transfer | Cheques |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block HRBR Layout, Kalyan Nagar, Bangalore 560043, Karnataka, India |
| Branch Name: R.T Nagar Branch, Bangalore | |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

# All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଈଶ୍ୱରଙ୍କର ହୃଦୟ ମୁକ୍ତିକାରୀ ସ୍ୱଭାବ ବିଶିଷ୍ଟ । ଈଶ୍ୱର ଯାହା ଆରମ୍ଭ କରନ୍ତି ତାହା ଛାଡ଼ି ଦିଅନ୍ତି ନାହିଁ । ଯାହା ମୂଲ୍ୟ ଦେବାକୁ ପଡ଼ିଲେ ସୁଦ୍ଧା ସେ ପ୍ରେମ କରନ୍ତି ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦିଅନ୍ତି । ଈଶ୍ୱର ସର୍ବଦା ମୁକ୍ତ କରିବାକୁ ଓ ସମସ୍ତ ବିଷୟ ତାହାଙ୍କ ନିକଟକୁ ଫେରାଇ ଆଣିବାକୁ ଚାହାନ୍ତି । ତାହାଙ୍କ ସଦୃଶ ହେବା ନିମନ୍ତେ ଆମେ ଆହୂତ ହୋଇଅଛୁ; ଏଣୁ ଜୀବନର ବିଭିନ୍ନ ପରିସ୍ଥିତି ଏବଂ ଆମେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ପ୍ରତି ଆମର ପ୍ରବୃତ୍ତି ମଧ୍ୟ ମୁକ୍ତିକାରୀ ହେବା ଉଚିତ ।

ଏହି ଅଧ୍ୟୟନରେ ଈଶ୍ୱରଙ୍କର ମୁକ୍ତିକାରୀ ହୃଦୟକୁ ବୁଝିବା ଓ ଧରିବା, ଆମର ଲକ୍ଷ୍ୟ, ଯେପରି କି ଆମେ ଜୀବନର ବିଭିନ୍ନ ପରିସ୍ଥିତିକୁ ତାଙ୍କରି ମୁକ୍ତିକାରୀ ଚକ୍ଷୁରେ ଦେଖିବା ବିଷୟ ଶିଖିବା, ଆହୁରି ମଧ୍ୟ ଆମ ଜୀବନର ବିଭିନ୍ନ ବିଷୟରେ ଏବଂ ଆମର ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କର ମୁକ୍ତିକାରୀ ପ୍ରକିୟାରେ ତାଙ୍କର ଜଣେ ସହକର୍ମୀ ହେବା ବିଷୟ ଶିକ୍ଷା କରିବା ।

ଈଶ୍ୱରଙ୍କର ମୁକ୍ତିକାରୀ ପ୍ରକ୍ରିୟାରେ ନିହିତ ମୁଖ୍ୟ ଉପାଦାନଗୁଡ଼ିକ ହେଲା- **ସମୟ, ବଳିଦାନ, ପାପକ୍ଷମା ଓ ପୁନଃସ୍ଥାପନ** । ଆମେ ଈଶ୍ୱରଙ୍କ ସହିତ କାର୍ଯ୍ୟ କରିବାକୁ ହେବ, ଏବଂ ତାଙ୍କର ମୁକ୍ତିକାରୀ ପ୍ରକ୍ରିୟାର ପ୍ରତ୍ୟେକ ଉପାଦାନକୁ ଆମେ ଜାଣିବାକୁ ଓ ଅନୁସରଣ କରିବାକୁ ହେବ, ବିଶେଷ କରି ଯେତେବେଳେ ସେ ଆମ ଜୀବନର ବିଭିନ୍ନ ବିଷୟଗୁଡ଼ିକୁ ମୁକ୍ତ କରିବା ପାଇଁ କାର୍ଯ୍ୟ କରନ୍ତି ଏବଂ ତାଙ୍କର ସହକର୍ମୀ ଭାବରେ ଅନ୍ୟ ଯେଉଁମାନଙ୍କ ନିକଟରେ ଆମେ କାର୍ଯ୍ୟ କରୁ ସେମାନଙ୍କ ଜୀବନରେ ମଧ୍ୟ ମୁକ୍ତିକାରୀ କାର୍ଯ୍ୟ ସାଧନ କରିବାକୁ ଚାହାନ୍ତି ।

ଆପଣଙ୍କ ଜୀବନକୁ ଈଶ୍ୱର ମୁକ୍ତ କରନ୍ତୁ ବୋଲି ଆପଣ କାହିଁକି ଚାହାନ୍ତି ? ଈଶ୍ୱର ଆପଣଙ୍କର ମୁକ୍ତିକର୍ତ୍ତା । ମୁକ୍ତ କରିବା ପାଇଁ ସେ ସମ୍ପୂର୍ଣ୍ଣ ସକ୍ଷମ । ଆପଣଙ୍କ ପରିସ୍ଥିତି ସବୁ ଯାହା ହେଉନା କାହିଁକି, ତାଙ୍କର ମୁକ୍ତିକାରୀ କାର୍ଯ୍ୟକୁ ଜୀବନରେ ଅନୁଭବ କରିବା ପାଇଁ, ଆପଣ ତାହାଙ୍କ ପ୍ରତି ବିଶ୍ୱାସରେ ଦୃଷ୍ଟିପାତ କରନ୍ତୁ । ଏହି ପୁସ୍ତକ ଏହା କରିବା ନିମନ୍ତେ ଆପଣଙ୍କୁ ସାହାଯ୍ୟ କରିବ ।

ଆଶିଷ୍ ରାଇଚୁର୍